ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at www.paryabekhyak.com

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.164 Bhubaneswar Monday Augeust 15 2022 | ୨୫ତମ ବର୍ଷ ସଂଖ୍ୟା-୧୬୪ ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



Azadi Ka Amrit Mahotsav

ଓଡ଼ିଶା ସରକାର

# ସ୍ୱାଧୀନତାର ଉଚ୍ଛ୍ୱାସ
# ୭୬ତମ ସ୍ୱାଧୀନତା ଦିବସ



## ଓଡ଼ିଶା

ସବୁଦିନେ ଆଗରେ । ସେତେବେଳେ ବି ଆଉ ଆଜି ବି ।
**'ସିପାହୀ ବିଦ୍ରୋହ'**ର ୪୦ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଦେଶର ପ୍ରଥମ ସଶସ୍ତ୍ର ସଂଗ୍ରାମ **'ପାଇକ ବିଦ୍ରୋହ'** । ୧୯୩୦ ମସିହା 'ଲବଣ ସତ୍ୟାଗ୍ରହ'ରେ ବି ଆଗଭର ହୋଇ ଆଗକୁ ବାହାରି ଆସିଥିଲେ **ରମା ଦେବୀ** ଆଉ **ମାଳତୀ ଚୌଧୁରୀ**ଙ୍କ ଭଳି ମହିଳା । **୧ ଏପ୍ରିଲ୍ ୧୯୩୬** ମସିହାରେ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବରେ ମାନ୍ୟତା ପାଇବାରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ।

**ଆଜି ବି ଓଡ଼ିଶା ଅନେକ କଥାରେ ପ୍ରଥମ ।**

ଓଡ଼ିଶାବାସୀଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ **ଶ୍ରୀ ନବୀନ ପଟ୍ଟନାୟକଙ୍କ** ଦୁଇ ଦଶନ୍ଧିରୁ ଅଧିକ ଲୋକାଭିମୂଖୀ ଶାସନ କାଳରେ ଓଡ଼ିଶା ଆଜି **ମହିଳା ସଶକ୍ତିକରଣ, ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା** ଏମିତି ଅନେକ କ୍ଷେତ୍ରରେ ଆଗରେ । **'5T'** ଆଣିଛି ବ୍ୟାପକ ଶାସନ ସଂସ୍କାର ଆଉ **'ମୋ ସରକାର'** ଯୋଗୁଁ ଜନସାଧାରଣ ଆଜି ସରକାରଙ୍କ ନିକଟତର ଏବଂ ସରକାର ଲୋକଙ୍କ ନିକଟତର । ସବୁଥିରେ **ଓଡ଼ିଶା** ଆଜି ସମଗ୍ର ଦେଶରେ ଅଗ୍ରଣୀ ଏବଂ ଅନୁକରଣୀୟ । ସରକାରୀ ସେବା ପାଇବାରେ ମିଳିଛି ସ୍ୱାଚ୍ଛନ୍ଦ୍ୟ ଆଉ ସ୍ୱାଧୀନତା । ଆମେ ବିକାଶର ଏହି ନବପର୍ବରେ ଆଜି ସଗୌରବେ ପାଳନ କରୁଛୁ
**'ସ୍ୱାଧୀନତାର ଉଚ୍ଛ୍ୱାସ'**
ସ୍ୱାଧୀନତାର ୭୫ବର୍ଷର ପୂର୍ତ୍ତି ଅବସରରେ ।



## ୧୫ ଅଗଷ୍ଟ ୨୦୨୨ ରୁ ୨ ଅକ୍ଟୋବର ୨୦୨୨

## ପ୍ରମୁଖ କାର୍ଯ୍ୟକ୍ରମ

### ସୂଚନା ଓ ଲୋକସମ୍ପର୍କ ବିଭାଗ
- ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ମହାସମାରୋହରେ ପାଳନ ।
- ଅଗଷ୍ଟ ୧୫ରୁ ଅକ୍ଟୋବର ୨ **'ଅହିଂସା ରଥ'**ର ଓଡ଼ିଶା ପରିକ୍ରମା ଏବଂ ଅହିଂସାର ବାର୍ତ୍ତା ପ୍ରଚାର ।
- ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶନ ।
- ଗାନ୍ଧୀ ସ୍ମୃତିପୀଠ, ତେଲେଙ୍ଗାପେଣ୍ଠରେ ରାଜ୍ୟସ୍ତରୀୟ ସ୍ମୃତି ସଭା ।

### ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ
- ସମସ୍ତ ସହରାଞ୍ଚଳ, ବସ୍ତି ତଥା ଅଣବସ୍ତି ଅଞ୍ଚଳରେ ସ୍ୱାଧୀନତା ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ।

### ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱାଧୀନତା ସଂପର୍କିତ ବିଭିନ୍ନ ପ୍ରତିଯୋଗିତା, ମାରାଥନ୍, ସେମିନାର୍, ସିଂପୋଜିୟମ, ପରିସର ସଫେଇ ଏବଂ ଅନ୍ୟାନ୍ୟ ମନୋଜ୍ଞ କାର୍ଯ୍ୟକ୍ରମ ।

### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
- ବିଭାଗ ତରଫରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସ୍ୱାଧୀନତା ସଂପର୍କିତ ସେମିନାର, କଳାକୃତି ପ୍ରଦର୍ଶନ, କବିତା ପାଠୋତ୍ସବ ଏବଂ ଚିତ୍ରକଳା ପ୍ରଦର୍ଶନ ।
- ବିଭିନ୍ନ ଏକାଡେମୀ ମାନଙ୍କ ତରଫରୁ ସ୍ୱାଧୀନତା ସଂପର୍କିତ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ।

### ସୂଚନା ଓ ପ୍ରଯୁକ୍ତି ବିଭାଗ
- ସାମାଜିକ ଗଣମାଧ୍ୟମରେ ଓଡ଼ିଶା ଓ ମହାତ୍ମାଙ୍କ ସଂପର୍କିତ ବାର୍ତ୍ତା ପ୍ରଚାର ଓ ପ୍ରସାର ।

### ପଞ୍ଚାୟତିରାଜ ବିଭାଗ
- ପ୍ରତ୍ୟେକ ପଞ୍ଚାୟତରେ ସଂଗ୍ରାମୀ ଓ ଶହୀଦ ମାନଙ୍କୁ ନେଇ ଜାତୀୟ ପତାକା ଉତ୍ତୋଳନ, ସ୍ୱତନ୍ତ୍ର ଗ୍ରାମସଭା, ଶହୀଦ ଓ ସଂଗ୍ରାମୀ ପରିବାରଙ୍କୁ ସମ୍ବର୍ଦ୍ଧନା, ଗାନ୍ଧୀ ଜୟନ୍ତୀ ପାଳନ ।

### ମହିଳା ଓ ଶିଶୁ ବିକାଶ ବିଭାଗ
- ବୃକ୍ଷ ରୋପଣ, ସ୍ୱାଧୀନତା ସଂଗ୍ରାମ ଉପରେ ପୋଷ୍ଟର, ଫ୍ୟାନ୍ସିଡ୍ରେସ୍, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ପରିବେଶ ସଫେଇ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ।

DADLS-31
15001/13/0106/2223

ସୂଚନା ଓ ଲୋକସମ୍ପର୍କ ବିଭାଗ










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK  ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.164 Bhubaneswar Monday Augeust 15 2022 | ୨୫ତମ ବର୍ଷ ସଂଖ୍ୟା-୧୬୪ ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS






## ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ରଖିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ନୂଆଦିଲ୍ଲୀ, ୧୪ ।୮ (ପି.ଏନ): ୭୬ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିଛନ୍ତି। ରାଷ୍ଟ୍ରପତି ହେବା ପରେ ଦେଶବାସୀଙ୍କୁ ପ୍ରଥମ ଥର ପାଇଁ ସେ ସମ୍ବୋଧନ କରିଛନ୍ତି । ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରୁ ସେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଛନ୍ତି। ସେ କହିଛନ୍ତି ଯେ, ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପୂରଣ ହୋଇଛି। ୨୦୪୭ ସୁଦ୍ଧା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ପୂରଣ କରିବୁ। ଭାରତରେ ଗଣତନ୍ତ୍ର ଲଗାତାର ମଜଭୁତ ହେବାରେ ଲାଗିଛି। ଆମେ ଦାରିଦ୍ର୍ୟ ଓ ଅଶିକ୍ଷା ବିରୋଧରେ ଲଢେଇ ଲଢିଛୁ। ଅ ଆଜି ସାରା ବିଶ୍ୱ ଦେଖୁଛି ଭାରତର ଉଦୟ। ଆତ୍ମନିର୍ଭର ଭାରତ ଗଠନ ପାଇଁ ଉଦ୍ୟମ ଜାରି ରହିଛି। ଭାରତର ଅର୍ଥବ୍ୟବସ୍ଥା ଦ୍ରୁତଗତିରେ ବୃଦ୍ଧି ପାଉଥିବା କହିଛନ୍ତି।୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମେ ଔପନିବେଶିକ ଶାସନର ଅନ୍ତ ଘଟାଇଥିଲୁ । ଏହି ଶୁଭ ଦିବସର ପାଳନ ଅବସରରେ ଆମେ ସମସ୍ତେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସାଦର ପ୍ରଣାମ କରୁଛେ । ସେମାନେ ତାଙ୍କର ସର୍ବସ୍ୱ ବଳିଦାନ ଦେଇଛନ୍ତି, ଯାହାଦ୍ୱାର ଆମେ ସମସ୍ତେ ସ୍ୱାଧୀନ ଭାରତରେ ନିଶ୍ୱାସ ନେଇପାରୁଛେ ବୋଲି ଦ୍ରୌପଦୀ କହିଛନ୍ତି ।

## ଜୈସ-ଏ-ମୋହମ୍ମଦର ସନ୍ଦିଗ୍ଧ ଆତଙ୍କବାଦୀ କାନପୁରରୁ ଗିରଫ

କାନପୁର/ଲକ୍ଷ୍ନୌ, ୧୪ ।୮ (ପି.ଏନ): ସହାରନପୁରରୁ ଦୁଇଦିନ ପୂର୍ବରୁ ଗିରଫ ସନ୍ଦିଗ୍ଧ ଆତଙ୍କବାଦୀ ମୋହମ୍ମଦ ନଦୀମ ଠାରୁ ପଚରାଉଚୁରା ଆଧାରରେ ଉତର ପ୍ରଦେଶର ଆତଙ୍କବାଦ ନିରୋଧକ ଦସ୍ତେ(ଏଟିଏସ୍) ଏକ ଅନ୍ୟ ବଡ଼ କାର୍ଯ୍ୟାନୁଷ୍ଠାନ କରିଛି। ଏଟିଏସ୍ କାନପୁରରୁ ସନ୍ଦିଗ୍ଧ ଆତଙ୍କବାଦୀ ହବିବୁଲ ଓରଫ ସୈଫୁଲ୍ଲାକୁ ଗିରଫ କରିଛି। ପଚରାଉଚୁରାରେ ସୈଫୁଲ୍ଲା ସ୍ୱୀକାର କରିଛନ୍ତି ଯେ ସେମାନେ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମୋହମ୍ମଦର ସମ୍ପର୍କରେ ଥିଲା।ଏଟିଏସ୍ ମୁତାବିକ, ଶୁକ୍ରବାର ଦିନ ସହାନପୁରରେ ଧରାଯାଇଥିବା ସନ୍ଦିଗ୍ଧ ଆତଙ୍କୀ ନଦିମଙ୍କୁ ପଚରାଉଚୁରା ପରେ ବିହାର ପରେ ମୋତିହାରୀ ନିବାସୀ ୧୯ ବର୍ଷୀୟ ହବିବୁଲ ଇସ୍‌ଲାମ ଓରଫ ସୈଫୁଲ୍ଲାକୁ ଶନିବାରକୁ ଫତେହପୁରରେ ହିରାସତରେ ନିଆଯାଇଛି। ତାଙ୍କୁ କାନପୁର ନେଇ ପଚରାଉଚୁରା କରାଯାଇଛି ଏବଂ ଏହାପରେ ରବିବାର ଦିନ ତାଙ୍କୁ ଗିରଫ କରିନିଆଯାଇଛି। ଏଟିଏସ୍‌କୁ ତା' ପାଖରେ ଏକ ମୋବାଇଲ୍ ଫୋନ୍ ଏବଂ ଏକ ଟାକୁ ବରାମତ ହୋଇଛି। ସେ ଫତେହପୁର ଜିଲ୍ଲାର ମୋହଲ୍ଲା ସୈୟଦବାଡ଼ାରେ ରହିଥିଲା।
















## ବିଏମସିର ପୂର୍ବତନ ମେୟର ଜାମିନ୍ ରେ ଜେଲ୍ ରୁ ମୁକୁଳିଲେ

ଗଞ୍ଜାମ, ୧୪ ।୮ (ପି.ଏନ): ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ପୂର୍ବତନ ମେୟର ପିଂଟୁ ଦାସ ଚାରି ବର୍ଷ ପରେ ଜେଲ୍ ରୁ ଜାମିନରେ ମୁକୁଳିଛନ୍ତି । ସେ ହାଇକୋର୍ଟର ଜାମିନ ପାଇ ଗତକାଲି ରାତିରେ ବ୍ରହ୍ମପୁର ଜେଲ୍ ରୁ ମୁକୁଳିଛନ୍ତି। ଜମି ହଡ଼ପ ମାମଲାରେ ସେ ବିଚରାଧୀନ ବନ୍ଦୀ ଭାବେ ଜେଲ ରେ ଥିଲେ। ସେ ଜେଲ୍ ରୁ ବାହାରିବା ପରେ ତାଙ୍କର ଶହ ଶହ ସମର୍ଥକ ତାଙ୍କୁ ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ ।

### ଅଭିନନ୍ଦନ

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **-ସମ୍ପାଦକ**

### ଛୁଟି ଘୋଷଣା

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଅଗଷ୍ଟ ୧୫ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**



ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୧୫**

# ମାଟି ସ୍ୱାଧୀନ ନା ମଣିଷ ?



ଇଂରେଜମାନେ ଆମ ଦେଶକୁ ଦିନେ ଆସିଥିଲେ ବାଣିଜ୍ୟ ପାଇଁ କିନ୍ତୁ ସ୍ୱର୍ଣ୍ଣପ୍ରସୂ ଭାରତର ଐଶ୍ୱର୍ଯ୍ୟରେ ବିଭୋର ହୋଇ ଏହାକୁ ଶାସନ କରିବାର ପ୍ରଲୋଭନ ଧାରାରେ ସରଳ ଭାରତୀୟଙ୍କୁ କରିଥିଲେ ବିଭ୍ରାନ୍ତ । ସେମାନଙ୍କ କବଳରୁ ମୁକ୍ତି ପାଇବାକୁ ଭାରତୀୟଙ୍କ ସଂଗ୍ରାମ ଏକ ଭୌଗୋଳିକ ଭୂଖଣ୍ଡକୁ ମୁକ୍ତି କରିବା ନିମନ୍ତେ ନଥିଲା । ତେଣୁ ରାମରାଜ୍ୟର ପରିକଳ୍ପନା ଭିତରେ ଅସ୍ପୃଶ୍ୟତା ନିବାରଣ, ନାରୀ ଜାଗରଣ, ସ୍ୱଦେଶୀ ଆନ୍ଦୋଳନ ଓ ମାନବିକତାର ଜାଗରଣ ଥିଲା ଏହାର ମୂଳ ଲକ୍ଷ୍ୟ । ପରବର୍ତ୍ତୀ ସମୟରେ ଭାରତୀୟ ଅସ୍ମିତାର ପୁନର୍ଜାଗରଣ ଭାରତୀୟଙ୍କୁ ସ୍ୱାଧୀନତା ଦେଇଥିଲା ସତ, କିନ୍ତୁ ତା'ରି ଭିତରେ ଜାତୀୟ ଚରିତ୍ରଟି ନଷ୍ଟ ପାଇଯାଇଛି । ସ୍ୱାଧୀନତା ପରେ ଆମେ ଇଂରେଜମାନଙ୍କ କାର୍ଯ୍ୟଦକ୍ଷତା ପ୍ରତିବଦଳରେ ବେଶି ଆହରଣ କରିଛୁ ସେମାନଙ୍କ ସୁଟ୍ ଓ ଟାଇ । ଇଂରେଜମାନେ ଦେଶ ଛାଡ଼ି ଯାଇଛନ୍ତି ସତ ମାତ୍ର ସେମାନଙ୍କ ଚାଲିଚଳଣି ଓ ଭାଷା ଛାଡ଼ି ଯାଇଛନ୍ତି ଇଂରେଜୀ ଶିକ୍ଷିତ ଭାରତୀୟଙ୍କ ପାଇଁ । ସେମାନଙ୍କ ଘରେ ଡାଡ଼ି, ମମି ଓ ସାହେବ ଡାକରେ ଅହଂବୋଧ ପରିତୃପ୍ତ ହେଉଛି । ପ୍ରକୃତପକ୍ଷେ କହିବାକୁ ଗଲେ ଇଂରେଜମାନଙ୍କ ଠାରୁ କ୍ଷମତା ହସ୍ତାନ୍ତର ପରେ ପରେ ଏଭଳି ହୀନମନ୍ୟତା ହିଁ ବୃଦ୍ଧି ପାଇଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ବିଶ୍ୱାସ ରଖୁଥିବା ଏ ଭାରତୀୟ ସଂସ୍କୃତିରେ । ଇଂରେଜମାନଙ୍କ ବିଦାୟ ପରେ ସ୍ୱାଧୀନତା ସଂଗ୍ରାମ ବେଳର ସେ ଆଦର୍ଶବାଦ ଓ ତିତୀକ୍ଷା ମଧ୍ୟ ପୁରାପୁରି ବିଦାୟ ନେଇଛି । ତା' ସ୍ଥାନରେ ଆସିଛି କ୍ଷମତାଭିଳାଷ । ରାଜନୀତିର ସ୍ୱାର୍ଥମେଧ ଯଜ୍ଞ ସ୍ୱାର୍ଥସେବାର ଜୈତ୍ରମଣି ଯଜ୍ଞରେ ପରିଣତ ହୋଇଛି । ସ୍ୱାଧୀନତା ପ୍ରାପ୍ତି ପରେ ସେମାନଙ୍କ କଥା ଓ କାର୍ଯ୍ୟରେ ଘୋର ପରିବର୍ତ୍ତନ ଆସିଛି । ରାତାରାତି ଧନୀଲୋକ ହେବାପାଇଁ ଚାଲିଛି ପ୍ରତିଯୋଗିତା । ପାଶ୍ଚାତ୍ୟର ଭୌତିକତାବାଦ; ଭାରତୀୟ ମୂଲ୍ୟବୋଧର ଗଳାଚିପି ହତ୍ୟା କରିସାରିଛି । ଛଳନା ଓ ପରଶ୍ରୀକାତରତା ମଧ୍ୟରେ ସ୍ୱାଧୀନତାର ମୁକ୍ତି ସ୍ୱପ୍ନ ହୋଇଛି ବିଡ଼ମ୍ବିତ । ବସ୍ତୁତଃ ମଧ୍ୟରାତ୍ରିର ସ୍ୱାଧୀନତା ଭିତରେ ଭାରତର ମୁକ୍ତି ସ୍ୱପ୍ନ ସାର୍ଥକ ହୋଇନାହିଁ । କାରଣ ଦେଶ ସ୍ୱାଧୀନ ହୁଏନାହିଁ, ମଣିଷ ହୁଏ ସ୍ୱାଧୀନ । କିନ୍ତୁ ମାଟିର ସ୍ୱାଧୀନତା ମଣିଷର ସ୍ୱାଧୀନତା ନୁହେଁ । ତାହା ଦାସତ୍ୱର ଏକ ରୂପାନ୍ତର । ପରିଶେଷରେ କେବଳ ଏତିକି କହିବି ଚଳନ୍ତି ସମୟର ମଣିଷ ହେଉଛି କାଳର ଏକ କରୁଣ ପରିଣତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମେ ନିଜର ଅନେକ ସମସ୍ୟା ସମାଧାନ କରିଥିଲେ ମଧ୍ୟ ଅନେକ ନୂତନ ସମସ୍ୟା ସୃଷ୍ଟି କରିଚାଲିଛୁ । କ୍ରମେ ମଣିଷର ନୈତିକ ଚିନ୍ତାଧାରା ଓ ଆଦର୍ଶ ବିଡ଼ମ୍ବିତ ହୋଇଛି । ଫଳରେ ସ୍ୱାଧୀନ ଭାରତର ଜନସାଧାରଣ ଦେଖିଥିବା ନୂତନ ଆଶା ଓ ସ୍ୱପ୍ନ କାଳ ବକ୍ଷରେ ମ୍ଳାନ ହୋଇଯାଇଛି ।

## ଜୀବନଯାତ୍ରା

ଏ ବିଶାଳ ପୃଥିବୀରେ ମନୁଷ୍ୟ ମୁକ୍ତ ଭାବରେ ଜନ୍ମନିଏ । ଜନ୍ମ ପରବର୍ତ୍ତୀ ସମୟ ଠାରୁ ବିଭିନ୍ନ ଭାବରେ ତା'ର ପ୍ରସାରଣର ମାର୍ଗ ଅବରୁଦ୍ଧ ହୋଇଉଠେ । କୁହାଯାଏ ମନୁଷ୍ୟ ଯେଉଁ ବନ୍ଦୀଶାଳାରେ ଅବରୁଦ୍ଧ; ତା'ର ସମସ୍ତ ଦ୍ୱାର ଉନ୍ମୁକ୍ତ ରହିଥାଏ । କିନ୍ତୁ ଏଇ ଦ୍ୱାର ଦେଇ ଅନ୍ୟ ଗୋଟିଏ ପରିସରକୁ ଗଲାବେଳେ ତାହା ମନେହୁଏ; ଯେପରି ଅନ୍ୟ ଏକ ବନ୍ଦୀଶାଳାର ପ୍ରବେଶ ଦ୍ୱାର । ବିଭିନ୍ନ ସମୟରେ ବିଭିନ୍ନ ପରିପ୍ରେକ୍ଷୀରେ ବ୍ୟକ୍ତିର ସ୍ୱଚ୍ଛନ୍ଦ ପରିପ୍ରକାଶ ଅବରୁଦ୍ଧ ହୋଇଥିବା ଭଳି ମନେହୁଏ । କିନ୍ତୁ ଏସବୁ ସତ୍ତ୍ୱେ ବଞ୍ଚିବାର ମୋହ ମନୁଷ୍ୟକୁ ଜଡ଼େଇ ରଖେ । ସବୁ ପ୍ରତିକୂଳତା ଭିତରେ ଜିଇଁବାର ଦୁର୍ବାର ବାସନା ଅନାହତ ହୋଇ ରହିଥାଏ । ଯଥାର୍ଥରେ କହିବାକୁ ଗଲେ ମନୁଷ୍ୟ ହେଉଛି ନିଜେ ସବୁ ଦୁଃଖର କାରଣ । ମନୁଷ୍ୟ ସମାଜ ଗଢ଼େ; ନିତି, ନିୟମ ଓ ଆଦର୍ଶର ଦ୍ୱାହି ଦେଇ ଆପଣା ନିମନ୍ତେ ଏକ ଆଦର୍ଶ ତିଆରି କରିଥାଏ । ଦୁର୍ବାର ମନର ଆହ୍ୱାନରେ ଏହାକୁ ଭାଙ୍ଗିବାକୁ ଚେଷ୍ଟା କରେ । ନିଜେ ହିଁ ପାପ ପୁଣ୍ୟର ମଧ୍ୟବିନ୍ଦୁରେ ପେଣ୍ଡୁଲମ୍ ଭଳି ଏପଟ ସେପଟ ହୁଏ । ନିଜର ବିଜ୍ଞତା / ଅଜ୍ଞତା ବିଶ୍ୱ ପ୍ରବାହରୁ କିଛି ବି ପରିବର୍ତ୍ତନ ଆଣିବାର ସମର୍ଥ ହୁଏନାହିଁ ।କାରଣ କାଳ ଓ ସ୍ରୋତ କାହାକୁ ଅପେକ୍ଷା କରେନାହିଁ । ସମୟର ଧାରାରେ ଉତ୍‌ଥାନ ପତନ ଦେଇ ଗତି କରୁଥିବା ମନୁଷ୍ୟ ତା'ର ଚତୁର୍ଦ୍ଦିଗର ପରିବର୍ତ୍ତନକୁ ଅନୁଭବ କରେ । ଦର୍ଶନ ଓ ତତ୍ତ୍ୱର ନିବିଡ଼ ପରିସରରେ ତାକୁ ପରଖିବାକୁ ଚେଷ୍ଟା କରେ ।

ଏ ପରିପ୍ରେକ୍ଷୀରେ କହିରଖେ ଭାରତୀୟ ଦୃଷ୍ଟିକୋଣରେ ଜୀବନ ହେଉଛି ଏକ ରଙ୍ଗମଞ୍ଚ । ବିଶ୍ୱନିଅନ୍ତାଙ୍କ ନିର୍ଦ୍ଦେଶରେ ସମସ୍ତଙ୍କୁ ଏଠାରେ ଆପଣା ଆପଣାର ଅଭିନୟ ପ୍ରଦର୍ଶନ କରିବାକୁ ପଡ଼ିଥାଏ । ଏହି ରଙ୍ଗମଞ୍ଚରେ ବିଭିନ୍ନ ଭୂମିକାରେ ଅଭିନୟ କଲାବେଳେ ଅନେକ ସମୟରେ ନିଜର ସ୍ଥିତି ଭୁଲିଯାଏ ମନୁଷ୍ୟ । ଗଭୀର ତନ୍ମୟତାରେ ଆପେ ହିଁ ଘାରି ହୁଏ । ଏ ମୋହରୁ ମୁକ୍ତି ପାଇବା ହିଁ ହେଉଛି ଜୀବନର ଲକ୍ଷ୍ୟ । କିନ୍ତୁ ଏଠାରେ କହିରଖେ ସନାତନ ଆର୍ଯ୍ୟ ପରମ୍ପରାରେ ମନୁଷ୍ୟ ଜନ୍ମ ଓ ମୃତ୍ୟୁକୁ ଜୀବନର ଆରମ୍ଭ ଓ ଶେଷ ଭାବରେ ଗ୍ରହଣ କରିନାହିଁ । ପୁଣି ସେ ଜିଉଁଥିବା ଜୀବନ ତା'ର ସବୁକିଛି ନୁହେଁ । ସେ ସମକାଳରେ କେବଳ ବଞ୍ଚେ ନାହିଁ । ଅତୀତର କର୍ମଫଳ ଯେମିତି ଅନୁରଣିତ ହେଉଥାଏ ସମଗ୍ର ଜୀବନ । ପୁଣି ଆଗାମୀ ଜନ୍ମ ନିମନ୍ତେ କିଛି ସଞ୍ଚିତ କରି ରଖିବାର ବ୍ୟଗ୍ରତା ତାକୁ ଉଦ୍‌ଗ୍ରୀମ କରେ; ସତରେ କ'ଣ ପୁନର୍ଜନ୍ମ ସତ୍ୟ ? ପୁଣି ଅତୀତର କର୍ମଫଳ ନେଇ ବାକିଥିବା ଜୀବନ କାଟିବାକୁ ପଡ଼େ । ଏହିପରି ଏକ ଆବେଗର ସମାହାର ହେଉଛି ମନୁଷ୍ୟ ଜୀବନ । ତେଣୁ ତ କୁହାଯାଏ ଜୀବନର ଗତି ବଡ଼ ବୈଚିତ୍ରମୟ । ଏହି ସତ୍ୟକୁ ବୁଝିବା ପାଇଁ ଯୁଗେ ଯୁଗେ ମାନବ ଖୋଜିଛି ବିଭିନ୍ନ ପଥ । କିନ୍ତୁ ଜୀବନର ସୀମିତ ପରିଧି ଭିତରେ ହୁଏତ ସମ୍ଭବ ହୋଇପାରିନାହିଁ ଏହାର ସମାଧାନ ।

ପରିଶେଷରେ କେବଳ ଏତିକି କହିବି ମାନବ ଜୀବନ ହେଉଛି ଏକ ଅନ୍ୱେଷା । ଏ ଅନ୍ୱେଷାର ଧାରା ଗଡ଼ିଆସିଛି ଅବାରିତ ଭାବରେ କାଳ କାଳ ଧରି । ବିଶ୍ୱ ପ୍ରଦକ୍ଷଣ ପରେ ଅନ୍ତରୀକ୍ଷ ଯାତ୍ରା ସାରି ସତେ ଯେମିତି ମନେ ହୋଇଛି ସବୁ ଅନ୍ୱେଷା ବୃଥା । ଏ ପିଣ୍ଡ ହିଁ ତ ବ୍ରହ୍ମାଣ୍ଡ । ଏଇଠି ନିତ୍ୟ ବୃନ୍ଦାବନ । ସୋଽହଂର ସ୍ୱର ନିନାଦିତ ହୁଏ ସଚରାଚର । ଜଗତ ରହେ ମନର ମୂଳରେ । ତେଣୁ ତ ଦୃଶ୍ୟମାନ ଜଗତ ହେଉଛି ମନର ଏକ ରୂପାନ୍ତରଣ । ଚିତ୍ତବୃତ୍ତିର ପ୍ରତିଫଳନ ନେଇ ଦିଗ୍‌ବିଦିଗ ଖେଳିଯାଏ ଭାବନାର ତରଙ୍ଗ । ସବୁ ସ୍ୱପ୍ନ, ସବୁ ବିଶ୍ୱାସ, ସବୁ ଆଶ୍ୱାସନା, ସବୁ ପ୍ରାପ୍ତି ଓ ଅପ୍ରାପ୍ତି ବେଦନା ତିଆରି ହୁଏ ଆପେ ଆପେ ଏବଂ ନିଶ୍ଚିହ୍ନ ମଧ୍ୟ ହୁଏ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

## ଆଜିର ଅନୁଚିନ୍ତା

**ଆମ୍ଭେ ଅଣୁ ନୁହେଁ ମହାନ୍, ଅଲ୍ପ ନୁହେଁ ଭୂମା ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି...





୧୯୪୭ ମସିହା ଅଗଷ୍ଟ 'ପନ୍ଦର' ତାରିଖରେ ପବିତ୍ର ଭାରତବର୍ଷ ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହେଲା। ତା' ପରଠାରୁ ଆମେ ସ୍ୱାଧୀନ ଭାରତବାସୀ ବୋଲି ସଗର୍ବେ କହିପାରୁଛେ। ଇତିହାସରେ କାଳକାଳକୁ ସ୍ୱର୍ଣ୍ଣାକ୍ଷରରେ ଲେଖା ହୋଇ ରହିଥିବା ଏହି ଅଗଷ୍ଟ ପନ୍ଦର ତାରିଖଟି। ଇଂରାଜୀ ଶବ୍ଦ 'August'ର ଅର୍ଥ ହେଲା ଗରିମାମୟ। ବାସ୍ତବରେ ଭାରତୀୟମାନେ ଏହି ଦିବସରେ ନୀଳ ଆକାଶକୁ ଛୁଇଁ ଛୁଇଁ ଉଡୁଥିବା ଜାତୀୟ ପତାକା ତଳେ ଠିଆ ହୋଇ ସଗର୍ବେ ଛାତି ଫୁଲେଇ ଜାତୀୟ ସଙ୍ଗୀତ "ଜନଗଣ ମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା" ଗାନ କଲାବେଳେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ସଂକୀର୍ଣ୍ଣ ଗଣ୍ଡିରୁ ବାହାରି ଆସି ମହାଭାରତୀୟତାର ଏକ ପ୍ରଚଣ୍ଡ ଦେଶପ୍ରେମରେ ଅବଗାହନ କରନ୍ତି। ଶିରାରେ ଶିରାରେ ପ୍ରବାହିତ ହୁଏ ଏକ ଉଷ୍ଣ ରକ୍ତର ସ୍ରୋତ, ଗୁଞ୍ଜରିତ ହୁଏ ହୃଦୟକନ୍ଦରରେ "ମେରା ଭାରତ ମହାନ୍"।

ଆବାଳବୃଦ୍ଧବନିତା ଅପେକ୍ଷା କରିଥାନ୍ତି ଏହି ଅଗଷ୍ଟ ପନ୍ଦରକୁ, ସ୍ୱାଧୀନତା ଦିବସକୁ ଅନେକ ଉତ୍କଣ୍ଠା, ଶ୍ରଦ୍ଧା, ସରାଗ ନେଇ। ରାତି ଅଧରୁ ଡାକବାଜୀ ଯନ୍ତ୍ରରେ ପ୍ରଚାର ପ୍ରସାର ହୁଏ ସୁର, ବୀର, ଶହୀଦମାନଙ୍କର ଗାଥା, ସେମାନଙ୍କର କାହାଣୀ। ଦେଶାତ୍ମବୋଧକ ଗୀତରେ ରୁମ ଟାଙ୍କୁରି ଉଠେ। ଯେତେବେଳେ ସଙ୍ଗୀତ ସାମ୍ରାଜ୍ଞୀ 'ଲତା ମଙ୍ଗେସକର'ଙ୍କ କୋକିଳ କଣ୍ଠରୁ ଝରିପଡ଼େ "ଯେ ମେରୀ ବତନ କି ଲୋଗୋ, ଜରା ଆଁଖ ମେ ଭରଲୋ ପାନୀ" ଆଖିରୁ ନିଗିଡ଼ିପଡ଼େ ତତଲା ଲୁହ ଦୁଇଧାର। "ନହ୍ନା ମୁନ୍ନା ରାହୀହୁଁ ଦେଶ କା ସିପାହୀ ହୁଁ" ଗୀତ ଶୁଣି ସ୍କୁଲର ଛୋଟ ଛୋଟ ପିଲା ଅଭିଳାଷ ରଖନ୍ତି, ବଡ଼ ହୋଇ ବୀର ସୈନିକ ହେବେ, ଦେଶ ପାଇଁ ପ୍ରାଣଦେବେ। ସେହିପରି ଆହୁରି ଅନେକ ମନଛୁଆଁ ଦେଶାତ୍ମବୋଧକ ଗୀତ ଶୁଣୁଶୁଣୁ ରାତି ପାହିଯାଏ। ମନେ ପଡ଼େ ଗାନ୍ଧୀ, ନେହେରୁ, ଶାସ୍ତ୍ରୀ, ଗୋପବନ୍ଧୁ, ସୁବାସଙ୍କ କଥା, ସରୋଜିନୀ ନାଇଡୁ, ଉଦ୍ଧାମ ସିଂଙ୍କ କଥା। ମନେ ପଡ଼େ ମଧୁବାବୁ, ବିଜୁବାବୁ, ମହତାବଙ୍କ କଥା। ମନେପଡ଼େ ବାଜିରାଉତ ଓ ଜୟୀ ରାଜଗୁରୁ, ବୀର ସୁରେନ୍ଦ୍ର ସାଏ, ବାଘା ଯତୀନ୍, ସରଳା ଦେବୀ, ରମାଦେବୀଙ୍କ କଥା। ମନେପଡ଼େ ଚାଖୀ ଖୁଣ୍ଟିଆ, ରଘୁ ଦିବାକରଙ୍କ କଥା। ଏମିତି ଅସଂଖ୍ୟ ବୀର ଶହୀଦମାନଙ୍କର ଅପୂର୍ବ ବୀରତ୍ୱର ଗୌରବମୟ ଇତିହାସକୁ ଆଜି ଦିବସରେ ସ୍ମରଣ କରାଯାଏ। କୋଟି କୋଟି ପ୍ରଣାମ ଜଣାଏ ଏ ଜାତି, ଯେଉଁମାନେ ହସି ହସି ଲୋଟି ପଡ଼ିଛନ୍ତି ଏ ଧରଣୀ ବକ୍ଷରେ ଆଉ ଆମକୁ ସମର୍ପି ଯାଇଛି ସ୍ୱା-ଧୀ-ନ-ତା। ସେଥିପାଇଁ ଯଥାର୍ଥରେ କୁହାଯାଇଛି ବୀରଭୋଗ୍ୟା ବସୁନ୍ଧରା।

ନିଜ ଜନ୍ମଭୂମିକୁ କିଏ ବା ଭଲ ନ ପାଏ। ଯାହା ବକ୍ଷରେ ପାଦଥାପି ମଣିଷଟିଏ ଜନ୍ମନିଏ, ଯାହାର ମାଟି, ପାଣି, ପବନରେ ବଢ଼ିହୁଏ, ଯାହାର ଫଳମୂଳ ଶସ୍ୟକୁ ଆହାର କରି ଜୀବନ ଧାରଣ କରେ ପରିଶେଷରେ ଯାହା ଉପରେ ବସତି ସ୍ଥାପନ କରି ସୁରକ୍ଷିତ ରହେ ତାକୁ ସୁରକ୍ଷା ଦେବା ଆମର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ। ଏହାକୁ କୁହନ୍ତି ଦେଶପ୍ରେମ, ଯାହା ଭିତରକୁ ଝାଙ୍କି ଦେଖିଲେ ଆମେ ଖୋଜି ପାଇବା 'ସ୍ୱାଭିମାନ' ଭଳି ଦରଦଭରା ଶବ୍ଦଟିଏ। ସେଥିପାଇଁ ତ ଶ୍ଳୋକରେ ବର୍ଣ୍ଣିତ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ।"

ଥରେ ଦୁଇଜଣ ରାଜାଙ୍କ ମଧ୍ୟରେ ଜବରଦସ୍ତ ଯୁଦ୍ଧ ହେଲା। ଯୁଦ୍ଧରେ ଜଣେ ରାଜା ଅନ୍ୟ ଜଣଙ୍କ ଉପରେ ବିଜୟପ୍ରାପ୍ତି କରି ପରାଜିତ ରାଜାଙ୍କୁ ବନ୍ଦୀକଲେ। ବିଜୟୀ ରାଜାଙ୍କ ରାଜ୍ୟରେ ପରସ୍ପରଙ୍କୁ ଅଭିନନ୍ଦନ କରି ରାଜମହଲରେ ଖୁସିର ମହୋତ୍ସବ କରାଗଲା। ଇତି ମଧ୍ୟରେ ବିଜୟୀ ରାଜା, ପରାଜିତ ରାଜାଙ୍କୁ ରାଜ ଦରବାରକୁ ଡକାଇଲେ ଏବଂ ପଚାରିଲେ, ରାଜା ତୁମେ ପରାଜିତ ଓ ବନ୍ଦୀ। ଏବେ କୁହ ତୁମ ସହିତ କିପରି ବ୍ୟବହାର କରାଯିବ? ପରାଜିତ ରାଜା ତୁରନ୍ତ ସ୍ୱାଭିମାନର ସହିତ ଉତ୍ତର ଦେଲେ, ଯେମିତି ଜଣେ ରାଜା ଅନ୍ୟ ଜଣେ ରାଜାଙ୍କ ସହିତ ବ୍ୟବହାର କରିଥାଏ। ଉତ୍ତର ଶୁଣି ସମଗ୍ର ରାଜସଭା ସ୍ତବ୍ଧ ହୋଇଗଲା।

ଉପରୋକ୍ତ କଥାର ଭାବାର୍ଥ, ବ୍ୟକ୍ତି ଯେକୌଣସି ପରିସ୍ଥିତିରେ ପଡ଼ିଥିଲେ ମଧ୍ୟ କାହାର ଦାସତ୍ୱ ସ୍ୱୀକାର କରିବାକୁ ଇଚ୍ଛା କରେନାହିଁ। ପ୍ରତ୍ୟେକଙ୍କ ସଂସ୍କାରରେ ସ୍ୱତନ୍ତ୍ରତା ପ୍ରତିଟି ଲୋମକୂପରେ ପରିପୂର୍ଣ୍ଣ ହୋଇ ରହିଛି। ତେଣୁ ପ୍ରତ୍ୟେକ ଦେଶରେ ସ୍ୱତନ୍ତ୍ରତା ରକ୍ଷା କରିବା ପାଇଁ ଉଚ୍ଚ ନ୍ୟାୟାଳୟମାନ ପ୍ରତିଷ୍ଠା କରାଯାଇଛି, ଯଦ୍ୱାରା ଗରିବ, ଅପାଠୁଆ ଅନୁସୂଚିତ ବର୍ଗର ଲୋକମାନଙ୍କ ବ୍ୟକ୍ତିଗତ ସ୍ୱତନ୍ତ୍ରତା ଉପରେ କେହି ଯେପରି ହସ୍ତକ୍ଷେପ କରିବେ ନାହିଁ। ଭାରତକୁ ସ୍ୱତନ୍ତ୍ରତା ଏତେ ବର୍ଷ ହେଲା ମିଳିଥିଲେ ମଧ୍ୟ ପରିଣାମ ଏଭଳି କିଛି ଉତ୍ସାହବର୍ଦ୍ଧକ ହୋଇନାହିଁ।

ସୁଜଳା ସୁଫଳା ଶସ୍ୟଶ୍ୟାମଳା ମୋର ଭାରତ ଜନନୀ ସାରା ବିଶ୍ୱରେ ଶ୍ରେଷ୍ଠ ସ୍ଥାନ ଅଳଙ୍କୃତ କରିପାରିଛି। କାହିଁ କେତେ କାଳରୁ 'କପିଳ ସଂହିତା'ରେ ବର୍ଣ୍ଣିତ। ***"ବର୍ଷାଣାଂ ଭାରତଶ୍ରେଷ୍ଠୋ ଦେଶାଣାମୁତ୍କଳଶ୍ରୁତଃ/ଉତ୍କଳସ୍ୟ ସମଦେଶୋ ଦେଶୋ ନାସ୍ତି ମହୀତଳେ।"***

ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷରେ ସବୁ ଜାତି ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ଲୋକେ ବାସକରନ୍ତି। ସମଗ୍ର ବିଶ୍ୱର ଭାରତ ଏକମାତ୍ର ରାଷ୍ଟ୍ର ଯାହାକୁ ମାତା ବୋଲି ସମ୍ବୋଧନ କରାଯାଏ।

ଥରେ ଜଣେ ଆମେରିକୀୟ ପର୍ଯ୍ୟଟକ ବିଶ୍ୱର ସୁପ୍ରସିଦ୍ଧ ଚର୍ଚ୍ଚଗୁଡ଼ିକ ବିଷୟରେ ବିବରଣୀ ସଂଗ୍ରହ କରି ଏକ ପୁସ୍ତକ ଲେଖିବାକୁ ସ୍ଥିର କଲେ। ସେ ଚୀନ ଦେଶ ଅଭିମୁଖେ ପ୍ରଥମେ ଯାତ୍ରା କଲେ। ପ୍ରଥମ ଦିନ ହିଁ ସେ ତାଙ୍କ କାର୍ଯ୍ୟକ୍ରମ ରଖି ଚୀନର ସୁପ୍ରସିଦ୍ଧ ଚର୍ଚ୍ଚରେ ପହଞ୍ଚିଲେ। ଚର୍ଚ୍ଚ ଭିତରର ଫଟୋ ଉଠାଇଲା ସମୟରେ ସେ କାନ୍ଥରେ ଟଙ୍ଗା ହୋଇଥିବା ଗୋଟିଏ ସୁନାର ଟେଲିଫୋନ୍ ଦେଖିଲେ। ତା' ପାଖରେ ଲେଖାଯାଇଛି ପ୍ରତି କଲ୍‌କୁ ୧୦୦୦ ଡଲାର୍। ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ସେଠାରେ ଉପସ୍ଥିତ ଥିବା ପ୍ରିଷ୍ଟଙ୍କୁ ଡାକି ପଚାରିଲେ ଏହି ଫୋନ୍‌ରୁ କେଉଁ ସ୍ଥାନକୁ ଫୋନ୍ କରାଯାଏ, ପୁଣି ଏହାର ମୂଲ୍ୟ ଏତେ କାହିଁକି ? ପ୍ରିଷ୍ଟ ତାଙ୍କୁ ଉତ୍ତର ଦେଲେ–ଏହା ସ୍ୱର୍ଗ ସହିତ କନେକ୍‌ସନ୍ କରିବାର ଡାଇରେକ୍ଟ ଲାଇନ୍। ଏହାଦ୍ୱାରା ତୁମେ ଗଡ଼ (ଭଗବାନ)ଙ୍କ ସହିତ କଥାବାର୍ତ୍ତା ହୋଇପାରିବ। ଧନ୍ୟବାଦ କହି ପର୍ଯ୍ୟଟକ ଜଣଙ୍କ ସେଠାରୁ ପ୍ରସ୍ଥାନ କଲେ। ତା'ପରେ ସେ ଜାପାନ୍ ଅଭିମୁଖେ ଯାତ୍ରା କଲେ। ସେଠାରେ ଗୋଟିଏ ବିରାଟ ଚର୍ଚ୍ଚକୁ ଗଲେ। ଠିକ୍ ସେହିପରି ଗୋଟିଏ ସୁନାର ଟେଲିଫୋନ୍ ସେଠାରେ ମଧ୍ୟ ଦେଖିଲେ। ଆଶ୍ଚର୍ଯ୍ୟ ହେଲେ ଯେ ଠିକ୍ ଏହିପରି ଗୋଟିଏ ଟେଲିଫୋନ୍ ସେ ଚୀନ୍‌ରେ ଦେଖିଥିଲେ। ତା'ପରେ ସେ ସେଠାକାର ଜଣେ ନନ୍‌ଙ୍କୁ ଡାକି ପଚାରିଲେ ଟେଲିଫୋନ୍‌ଟି ଏଠାରେ ରହିବାର କାରଣ କ'ଣ ? ନନ୍ ତାଙ୍କୁ କହିଲେ ଯେ, ଏହା ଭଗବାନଙ୍କ ସହିତ କଥା ହେବାର ଡାଇରେକ୍ଟ ଲାଇନ୍। ସେଥିପାଇଁ ପ୍ରତି କଲ୍ ପିଛା ୧୦୦୦ ଡଲାର୍ ଲାଗିବ। ତାଙ୍କୁ ଧନ୍ୟବାଦ ଜଣାଇ ପର୍ଯ୍ୟଟକ ଜଣଙ୍କ ଫେରି ଆସିଲେ।

ତା'ପରେ ସେ ପାକିସ୍ଥାନ, ଶ୍ରୀଲଙ୍କା, ଜର୍ମାନୀ, ଫ୍ରାନ୍ସ, ଋଷିଆ... ଏପରି ସବୁ ସ୍ଥାନରେ ଚର୍ଚ୍ଚକୁ ଗଲେ। ସବୁଠାରେ ସେ ସେହି ଗୋଟିଏ ପ୍ରକାରର ସୁନାର ଟେଲିଫୋନ୍ ଏବଂ ପ୍ରତି କଲ୍ ୧୦୦୦ ଡଲାର୍ ଲେଖାଥିବାର ଦେଖିଲେ।

ଏବେ ସେ ଭାରତ ଅଭିମୁଖେ ଯାତ୍ରା କରିବା ପାଇଁ ସ୍ଥିର କଲେ। ଭାରତକୁ ଆସି ସେ ପ୍ରଥମ ଚର୍ଚ୍ଚକୁ ଗଲେ। ସେଠାରେ ମଧ୍ୟ ସେ ସେହିପରି ସୁନାର ଟେଲିଫୋନ୍ ଦେଖିଲେ। ତା ତଳେ ଲେଖାଯାଇଛି ପ୍ରତି କଲ୍ ଏକ ଟଙ୍କା ମାତ୍ର। ସେ ଆଶ୍ଚର୍ଯ୍ୟ ହୋଇ ସେଠାରେ ଥିବା ପ୍ରିଷ୍ଟଙ୍କୁ ପଚାରିଲେ– 'ଫାଦର, ମୁଁ ବିଶ୍ୱର ସବୁ ସ୍ଥାନକୁ ଯାଇଛି। ସବୁଠାରେ ଏହିପରି ସୁନାର ଟେଲିଫୋନ୍ ଦେଖିଛି। ପଚାରିଲା ପରେ ଜାଣିବାକୁ ପାଇଛି କି ଏହା ଗଡ଼ (ଭଗବାନ)ଙ୍କ ସହିତ କଥା ହେବାର ଡାଇରେକ୍ଟ ଲାଇନ୍। କିନ୍ତୁ ସବୁଠାରେ ଏକ ହଜାର ଡଲାର ଲେଖାଯାଇଛି। ଏଠାରେ ମାତ୍ର ଏକ ଟଙ୍କା। ଏତେ ଶସ୍ତା କାହିଁକି ? ପ୍ରିଷ୍ଟ ଟିକେ ହସି ଉତ୍ତର ଦେଲେ, ତୁମେ ବର୍ତ୍ତମାନ ଭାରତରେ ଅଛ; ପୁଅ, ଏହା ଲୋକାଲ୍ କଲ୍। ସାରା ବିଶ୍ୱରେ ଏହା ହିଁ ଏକମାତ୍ର ସ୍ୱର୍ଗ।

କେବଳ ପ୍ରିଷ୍ଟଙ୍କ ମାନ୍ୟତା ନୁହେଁ ଏହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ। ବିଶ୍ୱ ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଭାରତ ହିଁ ଏପରି ଏକ ଭୂମି ଯାହାର ନାମ ବଡ଼ ଗୌରବର ସହିତ ନିଆଯାଏ। ଏହାତ ଏକ ଅଖଣ୍ଡ, ଅବିନାଶୀ ଭୂଖଣ୍ଡ। କୁହାଯାଏ– "ଯାହାଁ ଡାଲ୍ ଡାଲ୍ ପର ସୋନେ କି ଚିଡ଼ିଆ କରତି ଥି ବସେରା ୱୋ ଭାରତ ଦେଶ୍ ହେ ମେରା..." ଅର୍ଥାତ୍ ସେହି ମୋର ଭାରତ ଭୂମି ଯେଉଁଠାରେ ପ୍ରତ୍ୟେକ ଡାଳରେ ସୁନା ପକ୍ଷୀର ବାସସ୍ଥଳୀ ଥିଲା, ଲକ୍ଷ୍ମୀ ନାରାୟଣଙ୍କ ପରି ସୁସମ୍ପନ୍ନ, ପ୍ରଜାବତ୍ସଳ ରାଜାଙ୍କ ଦ୍ୱାରା ଶାସିତ ଥିଲା, ଯେପରି ରାଜା ସେହିପରି ପ୍ରଜା ସମସ୍ତେ ସୁଗୁଣସମ୍ପନ୍ନ ଥିଲେ, ହୀରା ନୀଳାରେ ମହଲ ସୁସଜ୍ଜିତ ଥିଲା, ଯେଉଁଠାରେ ଦୁଗ୍ଧ ଘୃତର ନଦୀ ପ୍ରବାହିତ ହେଉଥିଲା, ଆତ୍ମିକ ସ୍ନେହର ଉଦାହରଣ ସ୍ୱରପ ବାଘ, ଛେଳି ଗୋଟିଏ ଘାଟରେ ପାଣି ପିଉଥିଲେ, ଯେଉଁଠାରେ ଅହିଂସା ହିଁ ଏକମାତ୍ର ପରମଧର୍ମ ଥିଲା, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସୁବାସରେ ଧରା ଭରି ଉଠୁଥିଲା... ଆହୁରି ଅନେକ ବିଶେଷତାରେ ସମ୍ପନ୍ନ ଥିଲା ସୁନାର ଭାରତ।

କୁହାଯାଏ- ***"ଭାରତସ୍ୟ ପ୍ରତିଷ୍ଠେ ଦ୍ୱେ ସଂସ୍କୃତ ସଂସ୍କୃତିସ୍ତଥା।"*** ଅର୍ଥାତ୍ ଭାରତବର୍ଷର ପ୍ରତିଷ୍ଠା ପଛରେ ଥିବା ଦୁଇଟି କାରଣ ହେଲା ତାର ସଂସ୍କୃତ ଭାଷା ଓ ତା'ର ସଂସ୍କୃତି। ଏଠାରେ ରାତି ପାହିଲେ ଋଷି କଣ୍ଠରୁ ଉଦ୍‌ଗତ ହେଉଥିଲା-"ସର୍ବେ ଭବନ୍ତୁ ସୁଖୀନଃ ସର୍ବେସନ୍ତୁ ନିରାମୟା"ର ବାଣୀ। ଏହାର ମହୋଦଧି କୂଳକୁ ଯିଏବି ଗଲେ ନିର୍ବିକାରରେ ସିଏ ଧୋଇଦିଏ ତା'ର ପାଦ। ଯେକୌଣସି ବସ୍ତୁଟିଏ ପକାଇଦେଲେ ଗର୍ଭକୁ ତାର ନିମିଷକେ ସିଏ ତାହାକୁ ହିଁ ଫେରାଇଦିଏ। ଜ୍ୟେଷ୍ଠ ତଥା ଗୁରୁସ୍ଥାନୀୟ ବ୍ୟକ୍ତିଙ୍କୁ, ପାଦ ଛୁଇଁ ମୁଣ୍ଡିଆ ମାରିବାର ପରମ୍ପରା କେବଳ ମୋର ଭାରତବର୍ଷରେ ଅଛି। ଯେକୌଣସି ଶୁଭକାର୍ଯ୍ୟ ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ କରାଯାଇ "ଅସତୋ ମାଂ ସଦ୍‌ଗମୟ, ତମସୋ ମାଂ ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂଗମୟ"ର ଶ୍ଳୋକ ବୋଲାଯିବାର ସଂସ୍କୃତି ଆଉ କେଉଁଠାରେ ନାହିଁ। ଏହାର ମୁନି ଋଷିମାନେ ଗାୟନ କରନ୍ତି ମଧୁବାତା ଋତାୟତେ,... ମଧୁକ୍ଷରନ୍ତି ସିନ୍ଧବଃ।

ଆଜି ଆମେ ସ୍ୱାଧୀନତା ପ୍ରାପ୍ତିର ଏତେ ବର୍ଷ ପରେ ମଧ୍ୟ ସମ୍ପୂର୍ଣ୍ଣ ସ୍ୱାଧୀନ ହୋଇପାରିନେ! ପାଶ୍ଚାତ୍ୟ, ସଭ୍ୟତା, ସଂସ୍କୃତି ପରମ୍ପରା ଆମ ଦେଶକୁ ବହୁ ପରିମାଣରେ ପ୍ରଭାବିତ କରିଚାଲିଛି। ଯେପର୍ଯ୍ୟନ୍ତ ଆମେ ଆମ ମାତୃଭୂମି, ଆମ ମାତୃଭାଷା, ଆମ ସଂସ୍କୃତି ଓ ପରମ୍ପରାକୁ ନିବିଡ଼ ଭାବରେ ଭଲ ନ ପାଇଛେ, ସେ ପର୍ଯ୍ୟନ୍ତ ଏ ସ୍ୱାଧୀନତା ଦିବସ ନାମକ ପର୍ବଟି ଏକ ଲୋକଦେଖାଣିଆ କଥା ବା ପ୍ରହସନ ହୋଇ ରହିଯିବ!!! ଆମ ଭିତରେ ମାଟି ମାଆ ପାଇଁ ପ୍ରଚଣ୍ଡ ଭଲ ପାଇବା ଜାଗ୍ରତ ହେଉ, ଭାଷା ପାଇଁ ଶ୍ରଦ୍ଧା ବଢୁ ଏବଂ ମୋ ଦେଶର ଶହୀଦ୍ ତଥା ସୈନ୍ୟ ବିଭାଗର ବୀର ସୈନିକମାନଙ୍କ ପାଇଁ ସ୍ୱତନ୍ତ୍ର ସମ୍ମାନ ରହୁ, ଏହା ହିଁ ଆଜି ଦିବସର ସଙ୍କଳ୍ପ ହେବା ଉଚିତ।

**—ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ- ୯୪୩୭୦୩୬୮୦୯*

# ସତରେ କ'ଣ ଆମେ ସ୍ୱାଧୀନ !!



ଆମ ଦେଶ ଭାରତ ଯେତେବେଳେ ବ୍ରିଟିଶ କବଳରେ କରାୟତ ଥିଲା, ସେତେବେଳେ ଇଂରେଜମାନେ ଭାରତୀୟଙ୍କୁ ବହୁ ନିର୍ଯାତନା ଦେଉଥିଲେ, ଭାରତୀୟମାନଙ୍କ ମୌଳିକ ଓ ସାମାଜିକ ଅଧିକାର ଛଡ଼ାଇନେଇ, ସେମାନଙ୍କୁ ନିଜର ଗୋଲାମୀ କରି ରଖିଥିଲେ। ଅନେକ ଲୋକ ସେମାନଙ୍କ ନିର୍ଯାତନା ସହି ନ ପାରି ଜୀବନ ହାରୁଥିଲେ। ତେଣୁ ବ୍ରିଟିଶଙ୍କ କ୍ରୁର ଶାସନ କବଳରୁ ଦେଶକୁ ଛଡ଼ାଇ ଆଣିବାକୁ ଦୀର୍ଘବର୍ଷ ଧରି ଯେଉଁ ଲଢ଼େଇ ଚାଲିଥିଲା, ସେଥିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକଟି ମହାମାନବ, ଦେଶପ୍ରେମୀ ସାମିଲ୍ ହୋଇ ନିଜ ତ୍ୟାଗ, ନିଷ୍ଠା ଓ ସଂଘର୍ଷର ପ୍ରମାଣ ଦେଇଥିଲେ। ହିନ୍ଦୁ ହେଉ ବା ମୁସ୍‌ଲିମ୍, ଶିଖ୍ ହେଉ ବା ଜୈନ ଅବା ଖ୍ରୀଷ୍ଟିୟାନ, ସମସ୍ତେ ଏଥିରେ ନେତୃତ୍ୱ ନେଇଥିଲେ। ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ, ସର୍ଦ୍ଦାର ପଟେଲ, ସୁବାଷ ବୋଷ, ଅବୁଲ୍ କାଲାମ ଆଜାଦ, ଆସଫକୁଲ୍ଲା ଖାଁ, ଡ. ଖାଁ ଅବଦୁଲ ଗଫୁର ଖାନ୍, ଆସିଫ ଅଲ୍ଲୀ, ଜାକିର ହୁସେନ ପ୍ରମୁଖ ଦେଶପ୍ରେମୀଗଣ ଏକାଠି ହୋଇ ନିଜ ଜୀବନକୁ ବାଜି ଲଗାଇ ବ୍ରିଟିଶ ବିରୋଧୀ ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେତେବେଳେ ଦେଶ ଓ ଦେଶ ପ୍ରେମରେ ଧର୍ମକୁ ନେଇ ଭେଦଭାବ ବା ପାତର ଅନ୍ତର ଦେଖାଯାଉ ନ ଥିଲା ବରଂ ହିନ୍ଦୁ, ମୁସଲମାନ, ଶିଖ, ଜୈନ ଏକତା ହିଁ ଭାରତର ମୂଳମନ୍ତ୍ର ବୋଲି ବ୍ରିଟିଶ ଶାସକ ହୃଦ୍‌ବୋଧ କରି ଏହି ବନ୍ଧୁତ୍ୱ ଓ ସମ୍ବଳକୁ ଖଣ୍ଡ ବିଖଣ୍ଡିତ କରିବା ପାଇଁ ସମସ୍ତ ଷଡ଼ଯନ୍ତ୍ର କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ବ୍ରିଟିଶମାନଙ୍କ ଷଡ଼ଯନ୍ତ୍ରକୁ ଭଣ୍ଡୁର କରିବା ପାଇଁ ଦେଶର କୋଟି କୋଟି ଜନତା ଏହି ମହାନ୍ ସଂଗ୍ରାମରେ ସାମିଲ ହୋଇଥିଲେ। ଫଳରେ ଏମାନଙ୍କ ଅକୁଣ୍ଠ ସମର୍ଥନ ଓ ଦେଶପ୍ରେମୀଙ୍କ ବଳିଦାନ ଯୋଗୁ ଆମ ଦେଶ ଭାରତ ବ୍ରିଟିଶ କବଳରୁ ସବୁଦିନ ପାଇଁ ମୁକ୍ତି ପାଇଥିଲା ସତ, କିନ୍ତୁ ଦେଶବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା କିଛି ବ୍ୟକ୍ତି ବା ସଂଗଠନଙ୍କ ହୀନ ପ୍ରୟାସ ନିଶ୍ଚିତ ଭାବେ ନିନ୍ଦନୀୟ ଥିଲା। ସେମାନଙ୍କୁ ଯେତେ ଭର୍ତ୍ସନା କଲେ ମଧ୍ୟ ତାହା କମ୍ ହେବ। ଏପରି ବିକୃତ ମାନବିକତା ଓ ସଂକୀର୍ଣ୍ଣତା ଆମ ତମାମ ସମାଜକୁ ଏମିତି ସଂକ୍ରମିତ କରିଦେଇଛି ଯେ ଆମେ ଏକପ୍ରକାର ଦୃଷ୍ଟିଶକ୍ତି ହରାଇ ବସିଛୁ!

ଆମ ଦେଶ ସ୍ୱାଧୀନ ହୋଇଛି ସତ, କିନ୍ତୁ ସାଧାରଣ ଜନତା ପରାଧୀନତାର କଷାଘାତରେ ଏବେ ବି ଜର୍ଜରିତ। ଜଣେ ମେଧାବୀ ଛାତ୍ରର ସବୁ ଯୋଗ୍ୟତା ଥାଇ ମଧ୍ୟ ଚାକିରୀ ଖଣ୍ଡିଏ ପାଇବାକୁ ହେଲେ କିରାଣୀ, ଚପରାଶିଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସବୁଠି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗରିବ ଲୋକଟିଏ ସରକାରୀ ଯୋଜନା ପାଇବାକୁ ହେଲେ କୁଜି ନେତାଙ୍କଠାରୁ ରାଜନେତାଙ୍କ ପର୍ଯ୍ୟନ୍ତ ସବୁଠି ଲାଞ୍ଚ ଦେବାକୁ ପଡୁଛି। ପ୍ରିୟାପ୍ରୀତି ତୋଷଣ ଯୋଗୁ ଅଯୋଗ୍ୟ ହିତାଧିକାରୀ ସବୁ ସରକାରୀ ସହାୟତା ପାଉଥିଲାବେଳେ ଗରିବ ଓ ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ଯୋଜନାରୁ ବଞ୍ଚିତ କରାଯାଉଛି। କିଛି କୁଚକ୍ରୀ ଓ ବାହୁବଳୀ ରାଜନେତା ସାଧାରଣ ଜନତାଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରିବାରେ ଲାଗିପଡ଼ିଛନ୍ତି। ଯେଉଁ ମହାନ୍ ସଂଗ୍ରାମୀମାନଙ୍କ ବର୍ଷ ବର୍ଷର ସଂଗ୍ରାମ ଓ ତ୍ୟାଗ ବଳରେ ଆଜି ଦେଶ ସ୍ୱାଧୀନତା ଲାଭ କଲା, ସେହି ଦେଶରେ ବର୍ତ୍ତମାନର ବାହୁବଳୀ ରାଜନେତାମାନେ କ୍ଷମତା ଉପଭୋଗ କରିବା ସହ ନିରୀହ ଜନସାଧାରଣଙ୍କୁ ପୁଣି ଥରେ ପରାଧୀନତାର ଶିକୁଳି ଭିତରକୁ ଠେଲି ଦେଇଛନ୍ତି। ଗଣତନ୍ତ୍ରର ମୂଳମନ୍ତ୍ର ଆଜି ନ୍ୟସ୍ତସ୍ୱାର୍ଥ ରାଜନୈତିକ ଚକ୍ରାନ୍ତର ଶିକାର ହୋଇଛି। ତମାମ ଦେଶରେ ଘୃଣା ଓ ବିଦ୍ୱେଷର ବାତାବରଣ ଉଗ୍ର ରୂପ ନେବାରେ ଲାଗିଛି।

ଏହାର ଏକ ଉଦାହରଣ ହେଲା ଜଣେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ କମଳଲୋଚନ ସାର୍। କମଳଲୋଚନ ସାର୍ ଥିଲେ ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ। ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ସେ ଥିଲେ ବେଶ୍ ପାରଙ୍ଗମ। ସ୍କୁଲ୍‌ର ସବୁ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଭିଭାବକମାନେ ସମସ୍ତେ ତାଙ୍କୁ ଭଲ ପାଉଥିଲେ ଓ ସମ୍ମାନ ମଧ୍ୟ ଦେଉଥିଲେ। ସେଥିପାଇଁ କମଳଲୋଚନ ସାର୍‌ଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଏକଦା ସ୍କୁଲ୍‌ରେ ପରୀକ୍ଷା ଚାଲିଥିବା ସମୟରେ ସ୍ଥାନୀୟ ଜଣେ ମନ୍ତ୍ରୀଙ୍କ ପୁଅ ପରୀକ୍ଷାରେ କପି କରୁଥିବାର ଦେଖି କମଳଲୋଚନ ସାର୍ ମନ୍ତ୍ରୀଙ୍କ ପୁଅଠାରୁ କପି ଜବତ କରିଥିଲେ ଏବଂ ପରୀକ୍ଷାରେ କପି ନ କରି, ପାଠ ପଢି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଖବର ମନ୍ତ୍ରୀଙ୍କ ପାଖରେ ପହଞ୍ଚିବା ପରେ ଏହାର ଭୟଙ୍କର ପରିଣତି କମଳଲୋଚନ ସାର୍‌ଙ୍କୁ ଭୋଗିବାକୁ ପଡ଼ିଥିଲା। ତାଙ୍କୁ ମାର୍ଥାପୁର ନାମକ ଏକ ସମ୍ବେଦନଶୀଳ ତଥା ଉତ୍ତେଜନାପ୍ରବଣ ଅଞ୍ଚଳକୁ ବଦଳି କରି ଦିଆଯାଇଥିଲା, ଯେଉଁ ଅଞ୍ଚଳରେ ରାଜୁ ବୋଲି ଏକ ଦୁର୍ଦ୍ଦାନ୍ତ ଅପରାଧୀ ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଆଖପାଖ ୫୦ଟି ଗାଁରେ ନିଜର ଅପରାଧ ସାମ୍ରାଜ୍ୟ ଚଳାଇ ଆସୁଥିଲା। ଏପରିକି ଉକ୍ତ ଅଞ୍ଚଳର ଲୋକମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ନିଜ ଗାଁରେ ଥିବା ସରକାରୀ ଜମିରେ ଦୋକାନ ଖଣ୍ଡିଏ କରିବାକୁ ହେଲେ ରାଜୁ ନାଁରେ ହିଁ ଦୋକାନ ଖୋଲିବାକୁ ହୁଏ ଓ ମାସିକିଆ ଦାଦାବଟି ଦେବାକୁ ପଡ଼େ। ଯିଏ ଦାଦାବଟି ଦେବାକୁ ଅକ୍ଷମ ହେଉଥିଲା, ରାଜୁ ତାକୁ ହତ୍ୟା କରୁଥିଲା। ସେହି ଅଞ୍ଚଳର ଜଣେ ଗରିବ ଲୋକ ଗାଁରେ ଥିବା ନିଜ ପୈତୃକ ଜମିରେ ରାଜୁର ବିନା ଅନୁମତିରେ ତାଙ୍କ ମାଆଙ୍କ ନାମରେ ଏକ ଜଳଖିଆ ଦୋକାନ ଖୋଲିବାରୁ, ଦିନ ଦ୍ୱିପ୍ରହରରେ ସର୍ବସମ୍ମୁଖରେ ରାଜୁ ତାଙ୍କୁ ଛୁରୀ ଭୁସି ହତ୍ୟା କରିଥିଲା ଓ ସେଠାକାର ଥାନାର ଇନିସ୍‌ପେକ୍ଟର ଏହି ଘଟଣାର ତଦନ୍ତ କରିବାକୁ ଆସିବାରୁ ତାଙ୍କୁ ମଧ୍ୟ ରାଜୁର ଲୋକମାନେ ହତ୍ୟା କରିଥିଲେ। କମଳଲୋଚନ ସାର୍‌ଙ୍କ ପୁଅ ଅଭିଜିତ ଯେ କି ଜଣେ ଶିକ୍ଷିତ ଯୁବକ ସେ ରାଜୁର ଏଭଳି ଘଟଣାକୁ ଘୋର ବିରୋଧ କରୁଥିଲେ। କିନ୍ତୁ ବାପାଙ୍କ ଆଦର୍ଶ ଯୋଗୁ ଚୁପ୍ ରହିବାକୁ ବାଧ ହେଉଥିଲେ। ସେହି ଅଞ୍ଚଳରେ ସରକାରୀ ଜାଗାରେ ରାଜୁର ନାମରେ ଏକାଧିକ ଦୋକାନ ଖୋଲିଥିବାରୁ ଜଣେ ତଦନ୍ତକାରୀ ଅଫିସର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବାରୁ ତାଙ୍କୁ ରାଜୁର ଲୋକମାନେ ଗୋଡ଼େଇ ଗୋଡ଼େଇ ହତ୍ୟା କରିଥିଲେ।

ସେହିପରି ମହାମାରୀ କରୋନା ସମୟରେ ଗୁଜୁରାଟର ସୁରତ ସହରରେ ରାତି କର୍ଫ୍ୟୁ ଜାରି ରହିଥିବା ବେଳେ ସ୍ଥାନୀୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପୁଅ ଏବଂ ତାଙ୍କର ୪ଜଣ ସାଙ୍ଗ ଏହାକୁ ଉଲଂଘନ କରି ବିନା ମାସ୍କରେ ବୁଲୁଥିବା ସମୟରେ ସେଠାରେ ନିୟୋଜିତ ଥିବା ମହିଳା କନେଷ୍ଟବଳ ସୁନୀତା ଯାଦବ ସେମାନଙ୍କୁ ଅଟକାଇଥିଲେ ଏବଂ କାହିଁକି ମାସ୍କ ପିନ୍ଧିନାହାଁନ୍ତି ଓ ସାମାଜିକ ଦୂରତ୍ୱ ନିୟମ ମାନୁନାହାଁନ୍ତି ବୋଲି ପ୍ରଶ୍ନ କରିବାରୁ ଉତ୍ତରରେ ଗାଳି ଶୁଣିଥିଲେ ଓ ମନ୍ତ୍ରୀଙ୍କ ପୁଅକୁ କ୍ଷମା ମାଗିବା ପାଇଁ ତାଙ୍କୁ ବାଧ କରାଯାଇଥଲା। ଗାଳି ଶୁଣି ମଧ୍ୟ ମନ୍ତ୍ରୀଙ୍କ ପୁଅଙ୍କୁ କ୍ଷମା ମାଗି ନ ଥିଲେ କନେଷ୍ଟବଳ ସୁନୀତା ଯାଦବ। ପରେ ସୁରଟ ପୋଲିସ୍ କମିଶନର ଆର.ବି. ବ୍ରହ୍ମଭଟ୍ଟ ଏସ୍.ପି. ସି.କେ. ପଟେଲଙ୍କୁ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତଦନ୍ତ ପରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରିବର୍ତ୍ତେ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କନେଷ୍ଟବଳ ସୁନୀତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ କନେଷ୍ଟବଳ ସୁନୀତା ତାଙ୍କ ଚାକିରୀରୁ ଇସ୍ତଫା ଦେଇଥିଲେ।

ମହାମାରୀ ସମୟରେ ଅମ୍ଳଜାନ ଅଭାବରୁ ବହୁ କରୋନା ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏହି ସମୟରେ ଜଣେ ଲୋକ ନିଜ ଜେଜେବାପାଙ୍କ ପାଇଁ ଅମ୍ଳଜାନ ଆବଶ୍ୟକ ଥିବା ଟୁଇଟ କରିବା ଯୋଗୁଁ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ ହୋଇଥିଲା। ସେହିପରି ବିଗତ ଦିନରେ ହାଥରସ୍‌ରେ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ପ୍ରତିବାଦ କରି ଅନ୍ଦୋଳନ କରିଥିବା ବିକ୍ଷୋଭକାରୀଙ୍କ ମଧ୍ୟରୁ ୨୨ଜଣଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇଛି, ଯାହା ଗଣତନ୍ତ୍ର ରାଷ୍ଟ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ।

ଯେଉଁମାନେ ଗରିବ, ଅସହାୟ ଓ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସଂଗ୍ରାମ କରୁଛନ୍ତି, ଗରିବ ଲୋକଙ୍କ ମୌଳିକ ଅଧିକାର ଫେରାଇ ଆଣିବା ପାଇଁ ରାଜରାସ୍ତାକୁ ଓହ୍ଲାଉଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ କୁହାଯାଇ ଜେଲରେ ଭର୍ତ୍ତି କରିଦେଉଛନ୍ତି। ଏସବୁ ଘଟଣାକୁ ତର୍ଜମା କଲେ ଲାଗୁଛି ଦେଶ ସ୍ୱାଧୀନ ହୋଇଛି ସତ, ମାତ୍ର ଆମେ ଏବେ ବି ପରାଧୀନ ହୋଇ ରହିଯାଇଛୁ। ତେଣୁ ଯେତେଦିନ ପର୍ଯ୍ୟନ୍ତ ନିଜର ହକ୍ ଓ ଅଧିକାର ପାଇଁ ମୁହଁ ନଖୋଲିଛେ, ସେତେଦିନ ପର୍ଯ୍ୟନ୍ତ ରାଜନୀତିରେ ଗୁଣ୍ଡାରାଜ ଚାଲିଥିବ, ଦେଶରେ ଆତଙ୍କରାଜ, ଦୁର୍ନୀତି, ବ୍ୟଭିଚାର ବଢ଼ିଚାଲିଥିବ ଆଉ ଧର୍ମ ଧର୍ମ ନାଁରେ ଏବଂ ଜାତି ଜାତି ଭିତରେ ହଣାକଟା ଚାଲିଥିବ, ଏଥିରେ ଦ୍ୱିମତ ହେବାର ନାହିଁ।

**ସୁବାସ କୁମାର ତାରଣିଆଁ**
*କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪*




# FIVB ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀକୁ ନାଗରିକ ସମ୍ବର୍ଦ୍ଧନା




ଭୁବନେଶ୍ୱର,(ପି.ଏନ): ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଇଣ୍ଟରନ୍ୟାସନାଲ୍ ଭଲିବଲ୍ ଫେଡେରେସନ୍-ଏଫ୍‌ଆଇଭିବି)ର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ପ୍ରଥମ ଥର ଲାଗି କିଟ୍ ଓ କିସ୍ ଗସ୍ତ କରିଛି। ଭାରତୀୟ ଭଲିବଲ୍ ସଂଘର ସଭାପତି ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ଅନୁରୋଧ କ୍ରମେ ଏଫ୍‌ଆଇଭିବିର ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କ ସମେତ ସଂଘର ଅନ୍ୟ ସଦସ୍ୟଙ୍କୁ ନେଇ ଏହି ପ୍ରତିନିଧିମଣ୍ଡଳୀ ଓଡ଼ିଶାରେ ପହଞ୍ଚିବା ପରେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ପ୍ରତିନିଧିମଣ୍ଡଳୀକୁ ରବିବାର ଭୁବନେଶ୍ୱରରେ ଉଚ୍ଛ୍ୱସିତ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ଓଡ଼ିଶା ଫୁଟବଲ୍ ସଂଘ ଓ ଓଡ଼ିଶା ଆଥଲେଟିକ୍ ସଂଘର ସଭାପତି ଆଶୀର୍ବାଦ ବେହେରା ଏବଂ ଓଡ଼ିଶାର ବିଭିନ୍ନ କ୍ରୀଡ଼ା ସଂଗଠନର ସଦସ୍ୟ, ଓଡ଼ିଶାର ଖ୍ୟାତି ସମ୍ପନ୍ନ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ବ୍ୟତୀତ ନିକଟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍ ତଥା କିଟ୍ ଛାତ୍ରୀ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଓ ସି ଏ ଭବାନୀ ଦେବୀ, କିଟ୍ ଛାତ୍ର ଭାରତୀୟ ହକି ଖେଳାଳି ଅମିତ ରୋହିଦାସ ଓ ପାରା ଆଥଲେଟ୍ ରାଖାଲ ସେଠୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏଫ୍‌ଆଇଭିବି ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ପ୍ରଥମ ଥର ଲାଗି ଭାରତ ଗସ୍ତ କରିଥିବା ବେଳେ ଭାରତରେ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶ ନେଇ ଶ୍ରୀ ସାମନ୍ତଙ୍କ ନେତୃତ୍ୱରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଯାଇଛି। ଫିଫା ଫୁଟବଲ୍ ଫର୍ ସ୍କୁଲ୍ ଭଳି ଭାରତରେ ସ୍କୁଲ୍‌ସ୍ତରରେ ଭଲିବଲ୍‌ର ପ୍ରଚଳନ ପାଇଁ ଶ୍ରୀ ସାମନ୍ତଙ୍କ ପ୍ରୟାସରେ ଏହି ଚୁକ୍ତି ସ୍ୱାକ୍ଷର କରାଯାଇଛି। ପ୍ରତିନିଧିମଣ୍ଡଳୀ ଅଗଷ୍ଟ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଥିବା ବେଳେ ସେମାନେ ନୂଆଦିଲ୍ଲୀଠାରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କ ସମେତ ସାଇର ବରିଷ୍ଠ ଅଧିକାରୀଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହ ଓଡ଼ିଶାରେ ମଧ୍ୟ କ୍ରୀଡ଼ାମନ୍ତ୍ରୀ, କ୍ରୀଡ଼ା ସଚିବ ଓ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଗଠନ କର୍ମକର୍ତ୍ତାଙ୍କ ସହ ମିଶି ଓଡ଼ିଶାରେ ଭଲିବଲର ପ୍ରସାର ନେଇ ଆଲୋଚନା କରିଥିଲେ।

ଭାରତରେ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶ ଲକ୍ଷ୍ୟ ନେଇ ଭାରତୀୟ ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ ଗତ ଜୁନ୍ ମାସରେ ମାନିଲାଠାରେ ଅନୁଷ୍ଠିତ ଏଫ୍‌ଆଇଭିବିର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଯୋଗଦେବା ଅବସରରେ ଶ୍ରୀ ସାମନ୍ତ ଏଫ୍‌ଆଇଭିବିର ସଭାପତି ଆରି ଗ୍ରାକା ଓ ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କୁ ବ୍ୟକ୍ତିଗତ ଭାବେ ଭେଟିଥିଲେ। ଏହି ସାକ୍ଷାତ ସମୟରେ ଶ୍ରୀ ସାମନ୍ତ ଭାରତରେ ଭଲିବଲର ବିକାଶ ଓ ପ୍ରସାର ନେଇ ଆଲୋଚନା କରିଥିଲେ। ଏ ଦିଗରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଆର ଗ୍ରାକା ଓ ଫାବିଓ ଶ୍ରୀ ସାମନ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ସାମନ୍ତଙ୍କ ଅନୁରୋଧ କ୍ରମେ ଏହି ପ୍ରତିନିଧିମଣ୍ଡଳୀ ଅଗଷ୍ଟ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଛନ୍ତି।

## ତ୍ରିରଙ୍ଗା ଯାତ୍ରା ସମିତି ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, (ପି.ଏନ): ଆଜି ତ୍ରିରଙ୍ଗା ଯାତ୍ରା ପାଳନ ସମିତି ସୋନପୁର ତରଫରୁ ଆଜାଦି କି ଅମୃତ ମହତ୍ସବ ପାଇଁ ଏକ ତ୍ରିରଙ୍ଗା ଯାତ୍ରା ସହିତ ଅଖଣ୍ଡ ଭାରତ ଦିବସରେ ବିଭିନ୍ନ ସାମାଜିକ ଓ ଆଧାତ୍ମିକ ସଂଗଠନର ମିଳିତ ସହଯୋଗରେ ଏକ ବିରାଟ ଶୋଭାଯାତ୍ରା ସୋନପୁର ନଗର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ଆରଏସଏସ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ମାରୱାଡ଼ି ଯୁବାମଞ୍ଚ, ସୋନପୁର କଲେଜ ଏନ ସି ସି, ବଣିକ ସଂଘ, ସ୍ୱଚ୍ଛ ଭାରତ ସଂଗଠନ, ଗାଡ଼ି ଚାଳକ ସଂଘ, ଡ୍ରାଇଭର ମହାସଂଘ, ରକ୍ତ ଦାତା ସଂଘ, ଭଗବତୀ ଯୁବକ ସଂଘ, ଯୋଗାଳୟ, ଅବସର ପ୍ରାପ୍ତ ଶିକ୍ଷକ ସଂଘ, ସରସ୍ୱତୀ ଶିଶୁ ମନ୍ଦିର, ବ୍ଲକ ଦୁର୍ଗା ପୂଜା କମିଟି, ଶ୍ରମିକ ସଂଗଠନ, ସମେତ ସହର ର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ, ସଚେତନ ନାଗରିକ, ଦେଶ ପ୍ରେମୀ, ସାଧାରଣ ଜନତା ଯୋଗଦାନ କରିଥିଲେ କ୍ଷ ଏହି ତ୍ରିରଙ୍ଗା ଯାତ୍ରା ପାଳନ ସମିତିର ସଭାପତି ଶିବ ପାତ୍ର , ଉପ ସଭାପତି ସମେତ ରଶ୍ମିରଞ୍ଜନ ଦାସ, ଜିତୁ ବଡମାଳି, ସ୍ୱରୂପ ପାତ୍ର, ବିରଂଚି ମେହେର, ଜୟାଦ୍ରଥ ଜଗଦଲ୍ଲ, ସଞ୍ଜୟ ମହାପାତ୍ର, ରାଜେଶ ସିଂ, ଯୋଗଦାନ କରିଥିଲେ ଉକ୍ତ ଯାତ୍ରା, ବ୍ଲକ ଛକ ବାଲାଜୀ ମନ୍ଦିରରୁ ଆରମ୍ଭ ହୋଇ, ଆମ୍ବେଦକର ଛକ, କଚେରି ଛକ, ମଝିପଡା, ବିଜୁପଟ୍ଟନାୟକ ଛକ, ଗଙ୍ଗାଧର ମେହେର ଛକ, ଦୁର୍ଗାମଣ୍ଡପ, ସୁରେଶ୍ୱରୀ ମନ୍ଦିର ଛକ, ନଳିନୀ ଛକ, ପଟାଭାଡ଼ି ଛକ ପୁଣି ବ୍ଲକ ଛକ ସ୍ଥିତ ବାଲାଜୀ ମନ୍ଦିରରେ ଶେଷ ହୋଇଥିଲା। ପରିଶେଷର ବାଲାଜୀ ମନ୍ଦିର ନିକଟରେ ଥିବା ରୟାଲ ପଡ଼ିଆରେ ଜାତୀୟ ସଙ୍ଗୀତ ଗାନ ହୋଇ ତ୍ରିରଙ୍ଗା ଯାତ୍ରା ସମାପନ ହୋଇଥିଲା କ୍ଷ ଉକ୍ତ କାର୍ଯ୍ୟ କ୍ରମରେ ଭାରତମାତା କି ଜୟ, ବନ୍ଦେ ମାତରଂ, ଭାରତ ଅଖଣ୍ଡ ହୋ ଅଖଣ୍ଡ ହୋ ନରା ସୋନପୁର ନଗର ପ୍ରକମ୍ପିତ ହୋଇ ଉଠିଥିଲା। ଏହି କାର୍ଯ୍ୟକ୍ରମରେ ସୋନପୁର ନଗର ଜନସାଧାରଣଙ୍କ ମଧ୍ୟରେ ଏକ ଦେଶ ଭକ୍ତିର ଏକ ଜାଗରଣ ସୃଷ୍ଟି କରିଥିଲା।

## ୪୩୦ ଲିଟରର ଦେଶୀ ମଦ ଜବତ, ୨ ଗିରଫ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସ ଏକ ଟାଟା ମ୍ୟାଜିକ ଗାଡି ଯୋଗେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ଚଢଉ କରି ମଦ ସହ ଗାଡିକୁ ଜବତ କରିଛି। ଦେଶୀ ମଦ ଚାଲାଣ ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। କାଲିମେଳା ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କାଲିମେଳା ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ପୋଲିସ ବିଭାଗ ପକ୍ଷରୁ କରାଯାଇଥିବା ଚେକ ପୋଷ୍ଟ ଠାରେ ଥାନା ସବଇନ୍ସପେକ୍ଟର ଲକ୍ଷ୍ମୀଧର ଲେଙ୍କାଙ୍କ ସହ ସୁରେଶ ଚନ୍ଦ୍ର ମାଝୀ କନେଷ୍ଟବଳ ପବିତ୍ର କୁମାର ବେହେରା ରାତ୍ର ଡିଉଟି କରୁଥିବା ସମୟରେ ଏକ ଲାଲ ରଙ୍ଗର ଓଡି ୩୦ ୯୮୯୭ ନମ୍ବର୍ ଥିବା ଟାଟା ମ୍ୟାଜିକ ଗାଡି ଆସୁଥିବା ଦେଖି ପୋଲିସ କର୍ମଚାରୀ ମାନେ ଗାଡିକୁ ଯାଞ୍ଚ କରିଥିଲେ। ଗାଡି ଯାଂଚ କରିବା ପରେ ପ୍ଲାଷ୍ଟିକ ଜାରକିନ ଡବାରେ କିଛି ତରଳ ପଦାର୍ଥ ଥିବା ଦେଖୁ ପୋଲିସେ କର୍ମଚାରିଙ୍କ ସନ୍ଦେହ ହେବାରୁ ଅଧିକ ଯାଂଚ୍ ପରେ ସେଥିରେ ଦେଶୀ ମଦ ଥିବା ଜାଣିବାକୁ ପାଇଥିଲେ। ଏହି ମଦ କାରବାରରେ ସମ୍ପୃକ୍ତି ଥିବା ମୋଟୁ ଅଂଚଳର ଆନ୍ଦା ମାଢି ଓ ମନୋଜ ସୋଡ଼ୀ ନାମକ ୨ ବ୍ୟକ୍ତିକୁ ଗିରଫ କରାଯାଇଛି ଓ ଗାଡି ଭିତରୁ ମୋଟ ୪୩୦ ଲିଟର ମଦ ଜବତ କରାଯାଇଛି। ଶିଖପଲ୍ଲୀ ଏମ ଭି ୧୭ ଗାଁ ନିକଟରୁ ମୋଟୁ ଅଂଚଳକୁ ଏହି ମଦ ଯାଉଥିବା ଗିରଫ ଅଭିଯୁକ୍ତ ମାନେ ପ୍ରକାଶ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଥାନା ସବଇନ୍ସପେକ୍ଟର ସଞ୍ଜୟ କୁମାର ବଡସେଠୀ ଏହି ଘଟଣାର ତଦନ୍ତ କରୁଛନ୍ତି।

## ଲିଭିଙ୍ଗ ଷ୍ଟୋନ ମିନିଷ୍ଟ୍ରି ଅନୁଷ୍ଠାନ ପକ୍ଷରୁ ବାରଖମାରେ ହର୍ ଘର୍ ତ୍ରୀରଙ୍ଗା କାର୍ଯ୍ୟକ୍ରମ

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ବାରଖମା ଗ୍ରାମରେ ଲିଭିଂଙ୍ଗ ଷ୍ଟୋନ ମିନିଷ୍ଟ୍ରି ଅନୁଷ୍ଠାନ ଦ୍ୱାରା ପରିଚାଳିତ 'ହାଉସ ଅଫ ଲଭ ' ଶିଶୁ ଯତ୍ନ ଅନୁଷ୍ଠାନର ଅନାଥ କୁନି କୁନି ପିଲାକୁଂ ରଖି ସେମାନଙ୍କର ସମସ୍ତ ଦାଇତ୍ୱ ନେବା ସହିତ ପାଠ ପଢ଼ିବା ରେ ଉତ୍ସାହିତ କରାଯାଏ ଓ ସେମାନଙ୍କର ଥଇଥାନ ନିମନ୍ତେ ସେମାନଙ୍କ ଦକ୍ଷତା ଅନୁସାରେ କାହା କାହାକୁ ଆଟିଆଇରେ, କାହା କାହାକୁ ନର୍ସିଙ୍ଗ କଲେଜରେ, କାହାକୁ ସିଲେଇ ତାଲିମରେ ଓ କାହାକୁ ଫାର୍ମାସିଷ୍ଟ ତାଲିମ ପାଇଁ ସେମାନଙ୍କୁ ଥଇଥାନ ନିମନ୍ତେ ପଠାଯାଇଥାଏ । ଆସନ୍ତାକାଲି ସ୍ୱାଧିନତାର ୭୫ ବର୍ଷ ପୂର୍ତି ଅବସରରେ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦେଶ ପାଳୁଛି "ଆଜାଦୀ କା ଅମୃତ୍ ମହୋତ୍ସବ" । ଏହି ଅବସରରେ କନ୍ଧମାଳ ଜିଲ୍ଲାର ବାରଖମା ଠାରେ ଅବସ୍ଥିତ ଲିଭିଙ୍ଗ ଷ୍ଟୋନ ମିନିଷ୍ଟ୍ରି ଅନୁଷ୍ଠାନ ଦ୍ୱାରା ପରିଚାଳିତ ହାଉସ୍ ଅଫ ଲଭ୍ ଶିଶୁ ଯତ୍ନ ଅନୁଷ୍ଠାନ ପକ୍ଷରୁ ହର୍ ଘର୍ ତୀରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିକ୍ରମ ଦିଗାଲ ଓ ସମସ୍ତ ସଦସ୍ୟ ଓ ଅନୁଷ୍ଠାନର ସମସ୍ତ କର୍ମକର୍ତା ଓ ବାରଖାମାର ବହୁ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ବାରଖମା ଗ୍ରାମରେ ସମସ୍ତେ ଏକାଠି ହୋଇ ହାତରେ ତୀରଙ୍ଗା ଧରି "ବନ୍ଦେ ମାତରଂ" "ଭାରତ ମାତା କି ଜୟ" ସ୍ଲୋଗାନ୍ ଦେଇ ଲୀଭିଂଙ୍ଗ ଷ୍ଟୋନ ମିନିଷ୍ଟ୍ରି ଅନୁଷ୍ଠାନ ପରିସରରେ ଥିବା ହାଉସ୍ ଅଫ୍ ଲୋଭ୍ ଶିଶୁ ଯତ୍ନ ଅନୁଷ୍ଠାନରୁ ବାହାରି ଗ୍ରାମର ମୁଖ୍ୟ ବଜାର ଦେଇ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା । ଏହାପରେ ଚଳିତ ମାସ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ଘରେ ତୀରଙ୍ଗା ଉଡ଼ାଇବା ସହ ଭାରତ ମା' ର ସେବାରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେବାସହ ଏହି କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ସହ ଜଣେ ଭାରତୀୟ ନାଗରିକ ଭାବେ ନିଜକୁ ଗର୍ବ ଓ ଗୌରବ କରିବାକୁ କରିବାକୁ ଆହ୍ୱାନ୍ ଦେଇଥିଲେ ଲୀଭିଂଙ୍ଗ ଷ୍ଟୋନ ମିନିଷ୍ଟ୍ରି ଅନୁଷ୍ଠାନ ସମ୍ପାଦକ ।

## ବେଆଇନ ବିଦ୍ୟୁତ ସଂଯୋଗ, ବିଦ୍ୟୁତ ବିଭାଗର ଦୃଷ୍ଟି ପଡୁ

ଗଞ୍ଜାମ, (ପି.ଏନ): ଶେରଗଡ ବ୍ଲକର ପିତଳରେ ସରୋଜପ୍ରଧାନ ନାମକ ଜଣେ ବ୍ୟକ୍ତି ଗୋଟିଏ ମହିଳା ଅନୁଷ୍ଠାର ଜମି ଲିଜ୍ ନେଇ ବାଇଓଫ୍ଲେକ ପଦ୍ଧତିରେ ମାଛ ଚାଷ କରୁଛନ୍ତି। ଏଥିପାଇଁ ସେ ବିଦ୍ୟୁତଶକ୍ତି ବିଧିବଦ୍ଧ ଭାବେ ନଆଣି ପଡୋସି ଶ୍ୟାମ ସେଠୀଙ୍କ ଘରୁ ବେଆଇନ ଭାବେ ହୁକ ପକାଇ ଟେମ୍ପରାରୀ ଲାଇନରେ ବିଦ୍ୟୁତ ସଂଯୋଗ ନେଇ ମୋଟର ପ୍ରଭୃତି ଯନ୍ତ୍ରପାତି ବ୍ୟବହାର କରୁଛନ୍ତି। ଫଳରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି।

## ବଲାଙ୍ଗିର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଅମୃତ ମହୋତ୍ସବ

ବଲାଙ୍ଗିର, (ପି.ଏନ): ଆଜି ସ୍ଥାନୀୟ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଠାରେ ଦେଶ ସ୍ୱାଧିନତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ସହ ଜାତୀୟ ପତାକା ଧରି ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ । ଏହା ପୂର୍ବରୁ ମହାବିଦ୍ୟାଳୟରେ ଅଧକ୍ଷା ଗୀତାଞ୍ଜଳି ପାଢିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ନାଗରିକ କମିଟିର ସାଧାରଣ ସଂପାଦକ ମନୋରଂଜନ ସାହୁ ଯୋଗ ଦେଇ ଏହି ଉତ୍ସବ ଅବସରରେ ବଲାଙ୍ଗିର ର ସ୍ଥାନୀୟ ସ୍ୱାଧିନତା ସଂଗ୍ରାମୀ ଧରମସିଂ ମାନ୍ଧାତା, ରେଣ୍ଡୋ ମାଝି, ଗୁରୁବାରି ମେହେର, ବୀର ସୁରେନ୍ଦ୍ର ସାଏ ମାନଙ୍କ ବିଷୟରେ ସୂଚନା ପ୍ରଦାନ କରି ବଲାଙ୍ଗିର ରେ ଜାଗୃତି ଦିବସ ପାଳନ କରାଯାଉଛି ବୋଲି କହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମର ସଫଳତା ଉପରେ ମନ୍ତବ୍ୟ ଦେଇ ଅଧକ୍ଷା ଶ୍ରୀମତୀ ପାଢୀ ଦେଶ ଓ ସମାଜ ପାଇଁ ଛାତ୍ର ଛାତ୍ରୀମାନେଆଗାମୀ ଦିନରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସବୁ ଦେଶବାସୀଙ୍କୁ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଶୁଭକାମନା

Ministry of Information and Broadcasting
Government of India

Azadi Ka Amrit Mahotsav

ଆଗାମୀ ୨୫ ବର୍ଷର ଅମୃତ କାଳ, ସବୁ ଦେଶବାସୀଙ୍କ ପାଇଁ କର୍ତ୍ତବ୍ୟକାଳ ହେବ
ଆସନ୍ତୁ ମିଳିମିଶି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପନର ଭାରତ ନିର୍ମାଣ କରିବା

"ସ୍ୱାଧୀନତା ଦିବସ ଅବସରରେ କୃତଜ୍ଞ ଦେଶବାସୀ ଅଗଣିତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରଣାମ କରୁଛନ୍ତି । ଯେପରି ସ୍ୱାଧୀନତା ସଂଗ୍ରାମୀମାନେ, ଦେଶର ସ୍ୱାଧୀନତା ପାଇଁ ଏକଜୁଟ ହୋଇଥିଲେ, ଠିକ୍ ସେହିପରି ଆମକୁ ଦେଶର ବିକାଶ ପାଇଁ ଏକଜୁଟ ହେବାକୁ ପଡିବ।"

- ନରେନ୍ଦ୍ର ମୋଦୀ



ଲାଲ କିଲାର ପ୍ରାଚୀରରୁ ସକାଳ ୬ଟା ୨୫ ମିନିଟ ଠାରୁ ସ୍ୱାଧୀନତା ଦିବସ ସମାରୋହର ସିଧା ପ୍ରସାରଣ ଦୂରଦର୍ଶନରେ ଦେଖନ୍ତୁ

#HarGharTiranga

cbc 22201/13/0101/2223



# ମୋ ଓଡ଼ିଶା




## ବାର୍ତ୍ତା

ସ୍ୱାଧୀନତା ଦିବସ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା


## ପାରାଦୀପରେ ବିଜେପିର ତ୍ରିରଙ୍ଗା ଯାତ୍ରା

ପାରାଦୀପ (ପିଏନ୍)- ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ହର ଘର ତ୍ରୀରଙ୍ଗା' ଆହ୍ୱାନ କ୍ରମେ ପାରାଦୀପରେ ବିଜେପି ପକ୍ଷରୁ ଶୁକ୍ରବାର ଦିନ ଅପରାହ୍ନରେ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଥିଲା । ପାରାଦୀପ ବସଷ୍ଟାଣ୍ଡଠାରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀ ନିକଟରୁ ଏହି ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇ ବଡପଡିଆ ମାର୍କେଟ, ବ୍ୟାଙ୍କ ଛକ, ମଧୁବନ, ବୃନ୍ଦାବନ କଲୋନୀ, ଅଠରବାଙ୍କୀ, ଦୋଛକି ଦେଇ ଉଦୟବଟସ୍ଥିତ କୁଜଙ୍ଗର ମହାନ ସ୍ୱାଧିନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତଙ୍କ ପୀଠ ନିକଟରେ ଉଦ୍‌ଯାପିତ ହୋଇଥିଲା ।






## ବିଶ୍ୱକର୍ମା ମଜଦୂର ସଂଘ ପକ୍ଷରୁ ହର୍‌ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ବିଶ୍ୱକର୍ମା ମଜଦୂର ସଂଘ ବିଏମ୍‌ସି ସୌଜନ୍ୟରେ ଜିଲ୍ଲା ସଭାପତି ଉମାକାନ୍ତ ଦାସଙ୍କ ନେତୃତ୍ୱରେ ହର୍‌ଘର ତ୍ରିରଙ୍ଗା ମୋଟର ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇ ତ୍ରିରଙ୍ଗା ପ୍ରଦର୍ଶନ ସହିତ ବିଭିନ୍ନ ରାଷ୍ଟ୍ରାୟତ ସ୍ଲୋଗାନ ଦେଇଥିଲେ । ଏହି ଶୋଭାଯାତ୍ରା କେନ୍ଦୁଝର ରେଳ ଷ୍ଟେସନରୁ ବାହାରି ନଗର ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାକୁ ବିଏମ୍‌ସିର ଜିଲ୍ଲା ସମ୍ପାଦକ ବିବେକାନନ୍ଦ ମହାନ୍ତ ପରିଚାଳନା କରିଥିବା ବେଳେ ରେଲୱେ ରନିଙ୍ଗ୍ ରୁମ୍‌ର ସମ୍ପାଦକ ସୌମ୍ୟ ରଂଜନ ସାହୁ ଓ ମନୋରଂଜନ ରାଉତ, ରଶ୍ମିରଂଜନ ଦାସ ସମସ୍ତ କ୍ଷେତ୍ରର କାର୍ଯ୍ୟ କର୍ତ୍ତା ଯୋଗ ଦେଇଥିଲେ ।




ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସମସ୍ତ ଭାରତବାସୀଙ୍କୁ ୭୫ତମ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଅଭିନନ୍ଦନ।

ସୌଜନ୍ୟ : ବଳରାମ ସେନା
ଦେଉଳସାହି, ଢେଙ୍କାନାଳ


## ନୂତନ ବ୍ୟାଙ୍କ୍ ଶାଖା ପରିଚାଳକଙ୍କ ଯୋଗଦାନ

ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ କେଶଦୂରାପାଳ ଠାରେ ଥିବା ୟୁନିୟନ୍ ବ୍ୟାଙ୍କ ଶାଖାରେ ନୂତନ ଶାଖା ପରିଚାଳକ ଭାବେ ରମେଶ ବାଲମୋଚ ଯୋଗଦାନ କରିଛନ୍ତି । ନୂତନ ଶାଖା ପରିଚାଳକଙ୍କୁ ବ୍ୟାଙ୍କର ସମସ୍ତ କର୍ମଚାରୀ ସ୍ୱାଗତ କରିଛନ୍ତି । ଯୋଗଦାନ କରିବା ପରେ ସମସ୍ତ ପ୍ରକାର ଗ୍ରାହକ ସେବା ଯୋଗାଇଦେବା ଉପରେ ବିଶେଷ ଦୃଷ୍ଟି ଦିଆଯିବ ବୋଲି ଶ୍ରୀ ବାଲମୋଚ ପ୍ରକାଶ କରିଛନ୍ତି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ୧୫ ଅଗଷ୍ଟ, ୧୯୪୭ ଅବସରରେ କାନ୍ଦୁଥିବା ସେହି ଲୋକଟି...





ଦୁଇଶହ ବର୍ଷର ଶୋଷଣ, ଯନ୍ତ୍ରଣା ଓ ସଂଗ୍ରାମ ପରେ ଶେଷରେ ସେହି ବହୁ ପ୍ରତୀକ୍ଷିତ ଦିବସଟି ପହଞ୍ଚିଲା। ମାଉଣ୍ଟବ୍ୟାଟେନ୍‌ଙ୍କ ପ୍ରସ୍ତାବକ୍ରମେ ଇଂରେଜ ସରକାର ଭାରତକୁ ଦୁଇଭାଗ କରି ହିନ୍ଦୁସ୍ଥାନ ଓ ପାକିସ୍ଥାନ ନାଁରେ ସ୍ୱାଧୀନ ରାଷ୍ଟ୍ର ରୂପେ ଅଗଷ୍ଟ ୧୫, ୧୯୪୭ଠାରୁ ଘୋଷଣା କଲେ। ସ୍ୱାଧୀନତା ଲାଭରେ ଭାରତୀୟମାନେ ଅବ୍ୟକ୍ତ ଖୁସିରେ ମାତିଗଲେ ସତ, ମାତ୍ର ଦୁଃଖିତ ଥିଲେ ଯେ ଭାରତ ଦୁଇଖଣ୍ଡ ହୋଇଗଲା। ଅନେକ ଲୋକଙ୍କର ଏମିତି ହେବ ବୋଲି ବିଶ୍ୱାସ ନଥିଲା। ତା'ବି ବିଶ୍ୱାସ ନଥିଲା ଯେ ଇଂରେଜମାନେ ସେମାନଙ୍କୁ ସ୍ୱାଧୀନତା ଦେଇ ସ୍ୱଦେଶ ଫେରିବେ ଏବଂ ଭାରତୀୟମାନଙ୍କର ସରକାରୀ କୋଠାବାଡ଼ି, ଦପ୍ତରରେ ତଥା ସର୍ବସାଧାରଣଙ୍କ ପାଇଁ ତ୍ରିରଙ୍ଗା ଉଡ଼ିବ: ଝଣ୍ଡା ଉଚ୍ଚା ରହେ ହମାରା...। ୧୯୪୭ ଅଗଷ୍ଟ ୧୪-୧୫ ମଧ୍ୟରାତ୍ରିରେ ଭାରତର ସ୍ୱାଧୀନତା ଘୋଷଣା କରାଗଲା। ଏଥିକୁ ପଣ୍ଡିତ ଜବାହାର ଲାଲ୍ ନେହେରୁ ଯିଏକି ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ହେଲେ, ଘୋଷଣା କଲେ: "ଯେତେବେଳେ ପୃଥିବୀ ନିଦ୍ରିତ, ଭାରତ ହେବ ଜୀବନ ଓ ମୁକ୍ତି ପାଇଁ ଜାଗ୍ରତ। ଗୋଟିଏ ମୁହୂର୍ତ୍ତ ଆସେ ଯାହାକି ଇତିହାସରେ କଦାଚିତ୍ ମିଳିଥାଏ : ସେତେବେଳେ ଆମେ ପୁରାତନ ମଧ୍ୟରୁ ନୂତନକୁ ବାହାରି ଆସିଥାଉ, ଯେତେବେଳେ ଗୋଟିଏ ଯୁଗର ପରିସମାପ୍ତି ଘଟେ ଏବଂ ଯେତେବେଳେ ଦୀର୍ଘକାଳ ଦମିତ ଥିବା ଗୋଟିଏ ଜାତିର ଆତ୍ମା ସ୍ୱ ଅଭିବ୍ୟକ୍ତି ଲାଭକରେ: "When the World sleeps India will awake to life and freedom. A moment comes which comes but rarely in history when we step out from old to new, when an age ends and when the soul of a nation long suppressed finds utterance."

ଏହି ଶୁଭ ମୁହୂର୍ତ୍ତର ମହୁରତ ଗଗନ ପବନ ପ୍ରକମ୍ପିତ କରି ଛୁଟି ଆସିଲା 'ବନ୍ଦେ ମାତରମ୍', 'ଜନ-ଗଣ-ମନ...' ଜାତୀୟ ସଂଗୀତ ଓ ସ୍ଲୋଗାନର ଉଚ୍ଚ ଉଦାତ୍ତସ୍ୱରରେ। ଅଗଷ୍ଟ ୧୫ ତାରିଖ ଦିନ ଦିଲ୍ଲୀ ଐତିହାସିକ ଲାଲକିଲ୍ଲାରେ ମହାଯାକଯମକରେ ଲୋକେ ସ୍ୱାଧୀନତା ଦିବସ ପାଳନ କଲେ। ଜାତୀୟ ନିଶାଣ ତ୍ରିରଙ୍ଗା ଉତ୍ତୋଳନ କରି ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ କହିଥିଲେ: "ଆଜି ଭାରତର ବରପୁତ୍ର ବିପ୍ଲବୀ ନେତାଜୀଙ୍କ ମନୋସ୍କାମନା ପୂର୍ଣ୍ଣ ହୋଇଛି। ଭାରତର ଶେଷ ସ୍ୱାଧୀନ ମୋଗଲ ସମ୍ରାଟ ବାହାଦୂର ଶାହାଙ୍କୁ ବନ୍ଦୀକରି ଇଂରେଜ ସରକାର ଏହି ଲାଲ୍‌କିଲ୍ଲାରେ ହିଁ ରଖିଥିଲେ। ଏହି ଲାଲ୍‌କିଲ୍ଲାରେ ଭାରତ ଶୃଙ୍ଖଳିତ ହୋଇଥିଲା। ଆଜି ଏହି ଲାଲ୍‌କିଲ୍ଲାର ଲାଲକୋଠି ଉପରେ ସ୍ୱାଧୀନ ଭାରତର ଜାତୀୟ ପତାକାକୁ ଉତ୍ତୋଳନ କରାଯାଉଛି। ବିପ୍ଲବୀ ନେତାଜୀଙ୍କର ଆଜାଦ୍-ହିନ୍ଦ୍-ଫୌଜର ସ୍ଲୋଗାନ ଥିଲା 'ଦିଲ୍ଲୀ ଚଲୋ', ଅର୍ଥାତ୍ ଦିଲ୍ଲୀ ଆସି ସେହି ଲାଲ୍‌କିଲ୍ଲା ଦଖଲ କରି ଭାରତର ପୂର୍ବ ଗୌରବ ଫେରାଇ ଆଣିବାକୁ ସେ ଡାକରା ଦେଇଥିଲେ।"





ଲାଲ୍‌କିଲ୍ଲାରେ ଫର୍‌ଫର ହୋଇ ତ୍ରିରଙ୍ଗା ପତାକା ଉଡ଼ିଲା। ଇଏ ସେହି ପତାକା ଯାହାର ବନ୍ଦନା ଗାଇଗାଇ ହଜାର ହଜାର ଦେଶଭକ୍ତ ନିଜର ଜୀବନ ଦାନ କରିଥିଲେ, ଗୁଳି ଖାଇଥିଲେ ବା ଜେଲ ଯାଇଥିଲେ।

*"ଝଣ୍ଡା ଉଁଚା ରହେ ହମାରା ବିଜୟୀ ବିଶ୍ୱ ତ୍ରିରଙ୍ଗା ପ୍ୟାରା,*
*ସଦାଶକ୍ତି ସରସାନେ ୱାଲା ପ୍ରେମ ସୁଧା ବରସାନେ ୱାଲା,*
*ବୀରୋଁ କୋ ହରଷାନେ ୱାଲା ମାତୃଭୂମିକା ତନମନ ସାରା।"*

ସାରା ଦେଶରେ ଆନନ୍ଦ ଉତ୍ସବ, ଶୋଭାଯାତ୍ରା, ଆଲୋକସଜ୍ଜା, ସଭାସମିତି, ଭୋଜିଭାତ ଓ କେତେ କ'ଣ ଚାଲିଲା। ଏମିତି ଚାଲିଲା ଅନେକ ଦିନ ମାନେ ଲୋକେ ବୋଧ ହେଲାଯାଏଁ।

ଏହି ଉତ୍ସବ ଆଣିବାରେ ମହାନାୟକ ଥିଲେ ଗାନ୍ଧିଜୀ ଯିଏକି ତାଙ୍କ ଅଭିନବ ଅସ୍ତ୍ର, ସତ୍ୟ ଓ ଅହିଂସା ବଳରେ ଏ ଦେଶକୁ ସ୍ୱାଧୀନ କରିଥିଲେ ଏବଂ ପୃଥିବୀବାସୀଙ୍କୁ ଏ ଅଭିନବ ମୁକ୍ତିର ମଶାଲକୁ ଧରାଇ ଦେଇଥିଲେ। ଅଥଚ ସେ ନିଜ ଦେଶର ସ୍ୱାଧୀନତା ପରେ କୌଣସି ପଦପଦବୀରେ ନରହି ପଟ୍ଟଶିଷ୍ୟ ନେହେରୁଙ୍କୁ ସମସ୍ତ ଦାୟିତ୍ୱ ଅର୍ପଣ କରାଇ ତାଙ୍କୁ ପ୍ରଧାନମନ୍ତ୍ରୀ କରାଇଥିଲେ। ଏମିତିରେ ସେ ଥିଲେ ମୁକୁଟବିହୀନ ସମ୍ରାଟ।

୧୯୧୪ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକା ଛାଡ଼ିଲେ। ୧୯୧୯ରେ ସେ ଭାରତର ଜାତୀୟ କଂଗ୍ରେସରେ ଯୋଗଦେଲେ। ୧୯୧୯ ଏପ୍ରିଲ ୧୩ ତାରିଖରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ତାଙ୍କୁ ବ୍ୟସ୍ତ ଓ ବିବ୍ରତ କରିଦେଲା। ସେ ଏଥିପାଇଁ କିଛି କରିବାକୁ ଚିନ୍ତାକଲେ। ଇତିମଧ୍ୟରେ ୧୯୨୦ରେ କଂଗ୍ରେସ ତାଙ୍କୁ ନିଜର ନେତା ରୂପେ ବାଛିନେଲେ। ଏଥର ଗାନ୍ଧିଜୀ ଇଂରେଜ ସରକାରଙ୍କ ବିରୁଦ୍ଧରେ ସତ୍ୟ, ଅହିଂସା ଓ ଅସହଯୋଗ ମାଧ୍ୟମରେ ଲଢ଼ିବାକୁ ଏବଂ ତଡ଼ିବାକୁ ମନସ୍ଥ କଲେ। ସେହି ଅନୁସାରେ ଭାରତୀବାସୀଙ୍କୁ ପ୍ରସ୍ତୁତ କଲେ ଏବଂ ପ୍ରତିଜ୍ଞାବଦ୍ଧ କରାଇଥିଲେ। ସେହି ଅଙ୍ଗୀକାର ବଦ୍ଧତାର ମୁଖ୍ୟମନ୍ତ୍ର ଥିଲା :

*"ସରଫରୋଶୀକି ତମନ୍ନା ଅବ ହମାରେ ଦିଲମେଁ ହୈ*
*ଦେଖ୍‌ନା ହୈ ଜୋର କିତନା ବାଜୁ ଏ କାତିଲ୍ ମେଁ ହୈଁ।।"*

ଅର୍ଥାତ୍, ଏବେତ ଆମେ ମୁଣ୍ଡବଳି ଦେବାର ସିଦ୍ଧାନ୍ତ ନେଇସାରିଛୁ, ଦେଖାଯାଉ ହତିଆରର କେତେ ଶକ୍ତି ଅଛି! ସତରେ ନିଜ ଜୀବନକୁ ପାଣି ଛଡ଼ାଇ ଦେଶବାସୀ ସତ୍ୟାଗ୍ରହ ଆନ୍ଦୋଳନରେ ଲାଗିଗଲେ।

ଗାନ୍ଧିଜୀ ଥିଲେ ସ୍ୱାଧୀନତା ସଂଗ୍ରାମରୂପକ ନାଟକର ନିର୍ଦ୍ଦେଶକ ତଥା ନିଜେ ଜଣେ ମୁଖ୍ୟନାୟକ। ଦୀର୍ଘ ୨୮ବର୍ଷ ଧରି ସେ ଥିଲେ ଅଗଣିତ ଭାରତୀୟ ଜନତାର ଦିଗ୍‌ଦର୍ଶକ ଏବଂ ମୁକ୍ତି ସଂଗ୍ରାମର କର୍ଣ୍ଣଧାର। ତାଙ୍କରି ନେତୃତ୍ୱରେ ଭାରତୀୟମାନଙ୍କର ସ୍ୱପ୍ନର ସ୍ୱାଧୀନତା ସାକାର ହେଲା। ସେ ଯଥାର୍ଥରେ ଏ ଜାତିର ଜନକ।

ଜାତିର ଜନକ ହିସାବରେ ସେ କେବେ ଚାହିଁ ନଥିଲେ ଏ ଦେଶ ଖଣ୍ଡ ଖଣ୍ଡ ହେଉ। ଭାରତର ଭୂଖଣ୍ଡରେ ହିନ୍ଦୁ-ମୁସଲମାନମାନେ କାହିଁ କେତେ ଯୁଗରୁ ଭାଇ ଭାଇ ହୋଇ ଚଳିଆସୁଥିଲେ। ସେହି ସଦ୍‌ଭାବରେ ଏମାନେ ଯୁଗଯୁଗ ଧରି ଚଳନ୍ତୁ ବୋଲି ତାଙ୍କର ସ୍ୱପ୍ନ ଥିଲା; ଅଥଚ ମୁସ୍‌ଲିମ୍ ଲିଗ୍‌ର ନେତା ଜିନ୍ନା ଭାରତଠାରୁ ଅଲଗା ହୋଇ ସ୍ୱତନ୍ତ୍ର ସ୍ୱାଧୀନ ଦେଶ ଭାବରେ ରହିବାକୁ ଚାହିଁଥିଲେ ଏବଂ ସେଥିପାଇଁ ମୁସଲମାନମାନଙ୍କୁ ଉସ୍‌କାଉଥିଲେ। ସେ ଦେଶ ବିଭାଜନ ପାଇଁ ଇଂରେଜ ସରକାରଙ୍କ ଉପରେ ଚାପ ପକାଉଥିଲେ। ନିଜର ଉଦ୍ଦେଶ୍ୟ ସାଧନ ପାଇଁ ୧୯୪୬ ମସିହା ଅଗଷ୍ଟ ୧୬କୁ ଦେଶସାରା ମୁସଲମାନମାନଙ୍କ ପାଇଁ 'ସକ୍ରିୟ କାର୍ଯ୍ୟାନୁଷ୍ଠାନ' ଦିବସ ରୂପେ ସେ ଘୋଷଣା କଲେ। ଏପ୍ରକାର କାର୍ଯ୍ୟାନୁଷ୍ଠାନ ଇଂରେଜମାନଙ୍କ ବିରୁଦ୍ଧରେ ଯେତିକି ନଥିଲା, ତା'ଠୁ ଅଧିକ ଥିଲା କଂଗ୍ରେସକୁ ବିରୋଧ କରିବା ଏବଂ ହିନ୍ଦୁ-ମୁସଲମାନ୍‌ମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ କରିବା। ଆଉକିଛି ଉପାୟ ନଥିଲା। ସାରା ଦେଶର ହିନ୍ଦୁ-ମୁସଲମାନ ଦଙ୍ଗା ହଙ୍ଗାମା ଦାବାଗ୍ନି ପରି ବ୍ୟାପିଗଲା। ପ୍ରଥମେ କଲିକତାରୁ ଏହାର ଆରମ୍ଭ ହେଲା। ଚାଲିଲା ରକ୍ତପାତ, ପୁଣି ବଙ୍ଗଳାର ଢ଼ାକା ଓ ନୂଆଖାଲି ପ୍ରଭୃତି ସ୍ଥାନମାନଙ୍କରେ ଯେଉଁଠି ମୁସଲମାନମାନଙ୍କ ସଂଖ୍ୟା ବହୁତ ଥିଲା, ସେଠାରେ ହିନ୍ଦୁମାନେ କଟାହେଲେ। ଅନ୍ୟପକ୍ଷରେ ବିହାର ପ୍ରଭୃତି ଯେଉଁଠି ହିନ୍ଦୁଙ୍କ ସଂଖ୍ୟା ଅଧିକ ଥିଲା, ସେଠାରେ ମୁସଲମାନମାନେ ବଳି ପଡ଼ିଲେ। ଏହାଦେଖି ଗାନ୍ଧିଜୀ, ନେହେରୁ ଓ ରାଜେନ୍ଦ୍ର ପ୍ରସାଦଙ୍କ ପରି ନେତାମାନେ ହିନ୍ଦୁଙ୍କ କବଳରୁ ମୁସଲମାନମାନଙ୍କୁ ବଞ୍ଚାଇବା ପାଇଁ ପ୍ରାଣପଣେ ଲାଗିପଡ଼ିଲେ; ଅଥଚ ସେତେବେଳେ ଦୂରରେ ଥାଇ ଜିନ୍ନା ଏ ନାଟକ ଉପଭୋଗ କରୁଥିଲେ।

ଏପଟେ ହିନ୍ଦୁ-ମୁସଲମାନମାନଙ୍କ ମଧ୍ୟରେ ହାଣକାଟ, ସେପଟେ ଉଭୟଙ୍କର ସ୍ୱାଧୀନତା ପାଇଁ ସଂଗ୍ରାମ। ଏଣେ ଦେଶ ଭାଗଭାଗ ପାଇଁ ଜିନ୍ନାଙ୍କ ଜିଦ୍। ଶେଷରେ ଭାରତର ଅନ୍ତିମ ଭାଇସ୍‌ରାୟ ଲର୍ଡ୍ ମାଉଣ୍ଟବ୍ୟାଟେନ ଇଂରେଜ ସରକାରଙ୍କୁ ପ୍ରସ୍ତାବ ଦେଲେ ଯେ ଭାରତକୁ ଦୁଇ ଭାଗ କରାଯାଉ। ଏତିକିରେ ସାରାଦେଶରେ ଭୟଙ୍କର ଗଣ୍ଡଗୋଳ ପୁଣି ବ୍ୟାପିଗଲା ଏବଂ ଏହାକୁ ରୋକିବା ପାଇଁ ମୁସ୍‌ଲିମ୍ ଲିଗ୍ ବା କଂଗ୍ରେସ ହାତରେ କିଛି ଉପାୟ ନଥିଲା। ଏ ଦେଶ ଅଖଣ୍ଡ ହୋଇ ରହିବ ଓ ହିନ୍ଦୁ-ମୁସଲମାନମାନେ ଭାଇଭାଇ ହୋଇ ଚଳିବେ, ଏକଥା ହେଲା ନାହିଁ। ଅର୍ଥାତ୍ ଗାନ୍ଧିଙ୍କ ଇଚ୍ଛା ପୂରଣ ହେଲାନାହିଁ। କଂଗ୍ରେସକୁ ମିଳିଲା ହିନ୍ଦୁସ୍ଥାନ; ଜିନ୍ନାଙ୍କୁ ମିଳିଲା ପାକିସ୍ଥାନ। ପୁଣି ଦୁଇଭାଗରେ: ପାକିସ୍ଥାନ ଓ ପୂର୍ବ ପାକିସ୍ଥାନ ଯାହାର ଦୂରତା ଦେଢ଼ହଜାର ମାଇଲ। ତା' ସାଙ୍ଗକୁ କଂଗ୍ରେସ ପାଇଁ ଆଉ ଏକ ଦୁଃଖଦ କଥା ଥିଲା ଯେ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶର ପଠାଣମାନଙ୍କ ଇଚ୍ଛା ବିରୁଦ୍ଧରେ ପାକିସ୍ଥାନ ସହ ମିଶାଇ ଦିଆଗଲା।



ସ୍ୱାଧୀନତା ମିଳିଲା ଅଗଷ୍ଟ ୧୪-୧୫ ମଧ୍ୟରାତ୍ରିରେ। ପାକିସ୍ଥାନ ସ୍ୱାଧୀନତା ଦିବସ ପାଳିଲା ଅଗଷ୍ଟ ୧୪ରେ। ଭାରତୀୟମାନେ ପାଳିଲେ ଅଗଷ୍ଟ ୧୫ରେ। ସବୁ ଚାଲିଥାଏ ଧୁମ୍‌ଧାମ। ଦେଶସାରା ଆନନ୍ଦ ଉଲ୍ଲାସ, ସ୍ୱାଧୀନତା ପ୍ରାପ୍ତିର ରୋଷଣା, ଉନ୍ମାଦ ଓ କେତେ କ'ଣ! ଅଥଚ ଏହାର ବହୁ ଦୂରରେ ଗାନ୍ଧିଜୀ ଲୁହ ଗଡ଼ାଉଥିଲେ ଏଇଥିପାଇଁ ଯେ ଦେଶ ଭାଗଭାଗ ହୋଇଗଲା, ହିନ୍ଦୁ-ମୁସଲମାନ୍‌ମାନେ ଭାଇଭାଇର ସଦ୍‌ଭାବରେ ରହିପାରିଲେ ନାହିଁ। ସେ ପାରିଲେ ନାହିଁ, ତଥାପି ପ୍ରତିଜ୍ଞା ଯେ ଦୁଇଦେଶ ମଧ୍ୟରେ ସଦ୍‌ଭାବ ପାଇଁ ସେ ଜୀବନବ୍ୟାପୀ ସଂଗ୍ରାମ କରିବେ। ଅଥଚ ଏଥିପାଇଁ ୧୯୪୮ ମସିହା ୩୦ ଜାନୁୟାରୀରେ ତାଙ୍କୁ ଜୀବନ ଉତ୍ସର୍ଗ କରିବାକୁ ହେଲା। ଦୁଃଖ ଯେ ଆମେ କେହି ଏଯାବତ୍ ଗାନ୍ଧିଙ୍କୁ ବୁଝିଲୁ ନାହିଁ କି ତାଙ୍କ ପରି ଦେଶପାଇଁ କାନ୍ଦିପାରୁନାହୁଁ ଅଥଚ ନିଜପାଇଁ ଢେର କାନ୍ଦୁଛୁ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୧୩୮

## ହରଘର ତ୍ରିରଙ୍ଗା ଓ ଡାକମେଳା ଅନୁଷ୍ଠିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଡାକ ମଣ୍ଡଳ ଅନ୍ତର୍ଗତ ଦକ୍ଷିଣ ଉପମଣ୍ଡଳ ଅଧିନରେ ଥିବା ନଡିଆବରେଇ ଶାଖା ଡାକଘର ସହଯୋଗରେ ଗୋଠେଶ୍ୱର ମହାଦେବଙ୍କ ପୀଠରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଓ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ଡାକ ଦକ୍ଷିଣ ଉପମଣ୍ଡଳ ନୀରିକ୍ଷକ ଆଦିତ୍ୟ କୁମାର ଜେନା ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନଡିଆବରେଇ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ,ଗୁରୁମା, ଗ୍ରାମର ବରିଷ୍ଠ ନାଗରିକ, ସମାଜସେବୀ, କେନ୍ଦ୍ରାପଡା ଡାକ ମଣ୍ଡଳ ଉପ ଅଧିକ୍ଷକ, ଆଇ.ପି.ପି.ବି.ର ପରିଚାଳକ, ଭରତପୁର, ଚକ୍ରୋଡା, କନ୍ତିଆ, କୋରୁଆ, ବାବୁଜଙ୍ଗ, ତଳକୁସୁମା, ବଛରେଇ, ବନ୍ଧକଟା, ପେଣ୍ଠ, ଗୋପେଇ, ଆଇତିପୁର, ତଳକୁସୁମା, କୁଦାନଗରୀ, ଚାଞ୍ଚୋଳ ପ୍ରଭୃତି ଶାଖାର ଶାଖା ଡାକପାଳମାନେ ଯୋଗଦେଇଥିଲେ। ପ୍ରଥମେ ଶୋଭାଯାତ୍ରାରେ ବାହାରି ନଡିଆବରେଇ, ତିକନପୁର ପ୍ରଭୃତି ଗ୍ରାମକୁ ଗ୍ରାମ ବୁଲି ହରଘର ତ୍ରୀରଙ୍ଗା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରିଥିଲେ। ଏହାପରେ ଗୋଠେଶ୍ୱର ପୀଠରେ ଏକ ଡାକମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ଡାକଘର ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ଓ ସୁଯୋଗ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଡାକମଣ୍ଡଳ ଉପନୀରିକ୍ଷକ ଶ୍ରୀ ଜେନା ଓ ଆଇ.ପି.ପି.ବି. ପରିଚାଳକ ପ୍ରମୁଖ ବୁଝାଇଥିଲେ।















## ଇଫକୋ ପକ୍ଷରୁ ଆଜାଦି କି ଅମୃତ ମହୋତ୍ସବ ପାଳିତ

ପାରାଦୀପ,(ପି.ଏନ):ଆଜାଦି କି ଅମୃତ ମହୋତ୍ସବ ପାଳନ ଅବସରରେ ରବିବାର ଦିନ ପାରାଦୀପସ୍ଥିତ ଇଫକୋ ୟୁନିଟ୍ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଏକ ର୍ୟାଲି ଇଫକୋ ଡି.ଏ.ଭି. ସ୍କୁଲ ପରିସରରୁ ବାହାରି ସମଗ୍ର ଇଫକୋ ଟାଉନସିପ୍ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ୍ କ୍ଲବ୍ ସାମିଲ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମର ଉଦ୍ରେକ ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସମଗ୍ର ଦେଶବାସୀ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ସେଥି ପାଇଁ ଇଫକୋ ଟାଉନସିପ୍ ସମେତ ବିଭିନ୍ନ ସ୍ଥାନରେ ସମସ୍ତ ଘର ଉପରେ ଜାତୀୟ ପତାକା ଉଡାଯାଇଛି । ଏହି କାର୍ଯ୍ୟକ୍ରମକୁ ଇଫକୋର ନିର୍ଦ୍ଦେଶକ କେ.ଜେ. ପଟେଲ୍ ଓ ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତା ପଟେଲ୍ ଉଦଘାଟନ କରିଥିଲେ । ଇଫକୋ ଡି.ଏଭି.ସ୍କୁଲର ଛାତ୍ରଛାତ୍ରୀ,ଶିକ୍ଷକ, ଇଫକୋର କର୍ମଚାରୀ ଓ ସେମାନଙ୍କ ପରିବାର ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଇଫକୋର ବରିଷ୍ଠ ପ୍ରବନ୍ଧକ ଏସ୍.ଡି.ଶର୍ମା,ଯୁଗ୍ମ ସାଧାରଣ ପ୍ରବନ୍ଧକ କେ.ମୋହନ ରାଓ,ଇଫକୋ ଡି.ଏ.ଭି.ସ୍କୁଲର ଅଧ୍ୟକ୍ଷ ବଳରାମ ମହାପାତ୍ର,ଇଫକୋ ଅଫିସର୍ସ ଆସୋସିଏସନ୍‌ର ସଭାପତି ଦେବାଶିଷ ମହାନ୍ତି,ସାଧାରଣ ସମ୍ପାଦକ ସୁବାଶିଷ ମିଶ୍ର, ଇଫକୋ କର୍ମଚାରୀ ସଂଘର ସଭାପତି ତୁଷାର ରଂଜନ ସାମନ୍ତରାୟ,ସାଧାରଣ ସମ୍ପାଦକ ରାକେଶ କୁମାର ଓଝା,ଇଫକୋର ବରିଷ୍ଠ ପ୍ରବନ୍ଧକ ବିଜୟ କୁମାର ପାରୁଦା, ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ସମେତ ଇଫକୋ ଅଧିକାରୀ ସଂଘ ଓ କର୍ମଚାରୀ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ ।

## ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ରେକର୍ଡ ହୋଇଥିବା ପ୍ରମୁଖ ବର୍ଷା

ଭୁବନେଶ୍ୱର, (ପି.ଏନ): ସକ୍ରିୟ ସୁଦୃଶ୍ୟ ଲଘୁଚାପ ପ୍ରଭାବରେ ଉପକୂଳ ସମେତ ପାର୍ଶ୍ୱବର୍ତୀ ଜିଲ୍ଲା ଗୁଡିକରେ ବର୍ଷା ଲାଗିରହିଛି । ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ରେକର୍ଡ ହୋଇଥିବା ପ୍ରମୁଖ ବର୍ଷା ମଧ୍ୟରେ ୨୧ଟି ସ୍ଥାନରେ ଅତି ପ୍ରବଳ ବର୍ଷା (୧୧୫.୬ ମିମି ରୁ ୨୦୪.୪ ମିମି ) ଏବଂ ୭୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ (୬୪.୫ ରୁ ୧୧୫.୫ ମିମି ) ହୋଇଥିବା ରେକର୍ଡ କରାଯାଇଥିବା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ଜାରୀ ହୋଇଥିବା ଟ୍ୱିଟ୍ ରୁ ସୂଚନା ମିଳିଛି । ସୁନ୍ଦରଗଡ଼ର ହେମଗିରିରେ ୨୦୦.୪ ମିମି, ପୁରୀ ଜିଲ୍ଲାର ଅସ୍ତରଙ୍ଗରେ ୧୬୮.୦, ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରରେ ୧୬୭.୪, ସୁନ୍ଦରଗଡ଼ ଜିଲ୍ଲାର ସୁନ୍ଦରଗଡ଼ ସହରରେ ୧୬୩.୦, କଟକ ଜିଲ୍ଲାର ବାଙ୍କୀ ଠାରେ ୧୬୨.୦, କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଠାରେ ୧୬୧.୬, ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରାପାଲି ୧୬୦.୦, ସମ୍ବଲପୁର ଜିଲ୍ଲାର ଧନକଉଡ଼ା ୧୫୯.୦, ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା ୧୫୬.୪, ଜଗତସିଂହପୁର ଜିଲ୍ଲାର ବାଲିକୁଦାରେ ୧୫୪.୦, ସମ୍ବଲପୁର ଜିଲ୍ଲାର ସମ୍ବଲପୁର ସହରରେ ୧୪୬.୦, ପୁରୀ ଜିଲ୍ଲାର ଗୋପରେ ୧୪୦.୨, ଜଗତସିଂହପୁର ଜିଲ୍ଲାର ତିର୍ତୋଲରେ ୧୩୫.୦, ଜଗତସିଂହପୁର ଜିଲ୍ଲାର ନାଉଗାଁରେ ୧୩୫.୦, ସୋନପୁର ଜିଲ୍ଲାର ବିନିକାରେ ୧୩୨.୨, ସମ୍ବଲପୁର ଜିଲ୍ଲାର ବୁର୍ଲାରେ ୧୩୧.୮, ମୟୂରଭଞ୍ଜର ନଓ୍ୱାନାରେ ୧୩୦.୮, ଜଗତସିଂହପୁର ଜିଲ୍ଲାର ଜଗତସିଂହପୁର ସହରରେ ୧୨୩.୬, ପୁରୀ ଜିଲ୍ଲାର କାକଟପୁରରେ ୧୨୩.୦, କଟକ ଜିଲ୍ଲାର କଂଟାପଡାରେ ୧୨୨.୦, କଟକ ଜିଲାର ନିଆଳିରେ ୧୧୮.୦, ସୁନ୍ଦରଗଡ଼ର ମନ୍ଦିରାଡ୍ୟାମରେ ୧୧୩.୦, ଜଗତସିଂହପୁର ଜିଲାର ବିରିଡ଼ି ୧୧୨.୦,ଖୋର୍ଦ୍ଧାର ବାଣପୁରରେ ୧୦୩.୦ ମିମି ବର୍ଷା ରେକର୍ଡ଼ ହୋଇଛି ।

## ଅର୍ଥ ଆତ୍ମସାତ ମାମଲାରେ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,(ପିଏନ): ବେଗୁନିଆ ଥାନା ଅନ୍ତର୍ଗତ ଧଳାପଥର ଅଂଚଳରେ ଗୁପ୍ତା ଶୋ ରୁମର ସେଲସ ମ୍ୟାନେଜର ଅର୍ଥ ଆତ୍ମସାତରେ ଗିରଫ ହୋଇ ହୋଇ କୋର୍ଟ ଚାଲାଣ ହୋଇଥିବାର ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥି ସୂଚନା ଦେଇଛନ୍ତି । ବେଗୁନିଆ ବ୍ଲକ ଅନ୍ତର୍ଗତ ଡାଲତୋଳା ଗ୍ରାମର ନିରଞ୍ଜନ ସାହୁ (୨୭) ଧଳାପଥର ସ୍ଥିତ ଗୁପ୍ତା ସୋ ରୁମରେ ସେଲସ ମ୍ୟାନେଜର ଭାବରେ କାର୍ଯ୍ୟ କରି ଆସୁଥିଲେ ।

## ଶ୍ରାବଣ ପୂର୍ଣ୍ଣିମାରେ ବୋଧିଚକ୍ର ଆସର

ପୁରୀ , (ପି.ଏନ): ଶ୍ରାବଣ ପୂର୍ଣ୍ଣିମା ଅବସରରେ ଷ୍ଟେସନ ରୋଡ଼ ବୁଦ୍ଧ ମନ୍ଦିର ଠାରେ ବୋଧିଚକ୍ର ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ବୋଧିଚକ୍ର ପକ୍ଷରୁ ସଭାପତି ବିଜୟ ଶଙ୍କର ପାଢୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ସଂଘ, ସତସଙ୍ଗ ଓ ନିର୍ବାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଇଂଜିନିୟର ଗିରିଜା ଶଙ୍କର ବୁଦ୍ଧ ବନ୍ଦନା ଗାନ କରିଥିଲେ । ଆଧାତ୍ମିକ ଚେତନାରେ ଭଗବାନଙ୍କ ଶରଣାପନ୍ନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥିରେ ବକ୍ତାଭାବେ ଅଧ୍ୟାପକ ଡ଼ଃ ବଳରାମ ଦାଶ ଯୋଗଦେଇ ସଂଘ,ସତସଂଘ ଓ ନିର୍ବାଣ ବ୍ୟାଖ୍ୟା କରିବା ସହ ସଂସ୍କାରିତ ବ୍ୟକ୍ତି ପରିବାରକୁ ଦିଗଦର୍ଶନ ଦେବା ସହ ସମାଜକୁ ସଂଗଠିତ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ଼ଃ ପ୍ରମୋଦ କୁମାର ପଣ୍ଡା,ପଣ୍ଡିତ ଦୟାନିଧି ପଣ୍ଡା, ପ୍ରଭାତ ରଞ୍ଜନ ମିଶ୍ର, ବିଶ୍ୱନାଥ ମିଶ୍ର, ବାସୁଦେବ ସାହୁ, ଆଶୋକ କୁମାର ଆଢ୍ୟ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରୁ କଣ୍ଠଶିଳ୍ପୀ ସୁଶ୍ରୀ ଅଭିଲିପ୍ସା ଦାଶ ଭଜନ ପରିବେଷଣ କରିଥିଲେ । ରମେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ଅନ୍ନପୂର୍ଣ୍ଣା କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁବନେଶ୍ୱର ଲୋୟର ପିଏମଜିରେ ଧାରଣାରତ କିଡ଼ନୀ ରୋଗୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱର ଲୋୟର ପିଏମଜି ଠାରେ ଧାରଣାରେ ବସିଥିବା କିଡ଼ନୀ ରୋଗୀଙ୍କୁ ଭେଟି ସେମାନଙ୍କ ଅଭିଯୋଗକୁ ଶୁଣିବା ସହ କଟକ ମେଡ଼ିକାଲରେ କିଡନୀ ରୋଗୀଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସହ ଡ଼ାକ୍ତର ନିଯୁକ୍ତି ଓ ଔଷଧର ବ୍ୟବସ୍ଥା କରିବାକୁ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ କରି ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରୁ ଫେରିବା ବେଳେ ବାଲେଶ୍ୱର ଜିଲ୍ଲା ରେମୁଣା ଅଞ୍ଚଳର ଭଉଣୀ ଜୟଶ୍ରୀ ବେହେରା ମୋତେ ଭେଟିବା ସହ କିଡନୀ ରୋଗୀଙ୍କ ସହ ଜଡ଼ିତ ବିଷୟରେ ଅବଗତ କରାଇଥିଲେ ଏବଂ ସେମାନଙ୍କୁ ଭେଟିବାକୁ ଅନୁରୋଧ କରିଥିଲେ । ଭଉଣୀଙ୍କ ଅନୁରୋଧ କ୍ରମେ ମୁଁ ଭୁବନେଶ୍ୱର ଲୋୟର ପିଏମଜି ଠାରେ ଧାରଣାରେ ବସିଥିବା କିଡ଼ନୀ ରୋଗୀଙ୍କୁ ଭେଟିଲି ଏବଂ ଯାହା ଜାଣିବାକୁ ପାଇଲି, ତାହା ମୋତେ ବ୍ୟଥିତ କରିଥିଲା । ସେମାନଙ୍କର ଅଭିଯୋଗ ରହିଛି, ଡ଼. ଚିତ୍ତରଞ୍ଜନ କରଙ୍କ ଦେହାନ୍ତ ପରେ କଟକ ଏସସିବି ମେଡ଼ିକାଲ କଲେଜରେ ଶହେରୁ ଉର୍ଦ୍ଧ୍ୱ କିଡ଼ନୀ ରୋଗଙ୍କୁ ଚିକିତ୍ସା ନ ମିଳିବା, ବିଶେଷଜ୍ଞଙ୍କ ଅଭାବ ଏବଂ ମେଡ଼ିସିନ ନ ମିଳିବା କଥା ସେମାନେ କହିଛନ୍ତି ।




## ଜିଓ ଲାଇଫ ଫାଉଣ୍ଡେସନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା,(ପିଏନ):କିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ନୂଆଗାଁ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଜିଓ ଲାଇଫ ଫାଉଣ୍ଡେସନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏନେଇ ପ୍ରଧାନ ଶିକ୍ଷକ ରାଜ କିଶୋର ସାହୁ,ପରିଚାଳନା କମିଟିର ସଭାପତି ପ୍ରତାପ ଚନ୍ଦ୍ର ରାଉତ,ପ୍ରାଥମିକ ବିଦ୍ୟାଳୟ କମିଟିର ସଭାପତି ଶ୍ରୀନିବାସ ରାଉତ,ଶିକ୍ଷକ ଚରଣ ତିରୋଇ,ପ୍ରମୋଦ ଘଡେଇ ଓ ଜିଓ ଲାଇଫ ଏଗ୍ରିଟେକ ଇଣ୍ଡିଆର ଅଫିସର ଭାସ୍କର ମହାନ୍ତି ସମେତ ଛାତ୍ରଛାତ୍ରୀମାନେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷର ଉପକାରିତା ଶୀର୍ଷକ ଏକ ତର୍କ ପ୍ରତିଯୋଗିତା କରାଯାଇ କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ତାପସ ମହାନ୍ତି,ଅନିଲ ଦେବତା ଓ ନୃସିଂହ ବ୍ରହ୍ମା ପ୍ରମୁଖ ପରିଚାଳନା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray